## ଅବାଧ ଓ ସ୍ୱଚ୍ଛ ନିର୍ବାଚନ ପାଇଁ ପୁଲିସର କସରତ

# ସମ୍ବେଦନ ଅଞ୍ଚଳରେ ଫ୍ଲାଗ୍‌ମାର୍ଚ୍ଚ, ମାଓ ଇଲାକାରେ ସଚେତନତା

ବଲାଙ୍ଗିର, ୧୫।୩(ସମିସ)

ଦେଶରେ ଆଉ ଦିନ କେଇଟା ପରେ ଗଣତନ୍ତ୍ରର ସବୁଠାରୁ ବଡ଼ ପର୍ବ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଲୋକସଭା ନିର୍ବାଚନ ସହ କିଛି ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଥିବା ବେଳେ ଏଥିପାଇଁ ସମସ୍ତ ସ୍ତରରେ ପ୍ରସ୍ତୁତି ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଶୃଙ୍ଖଳିତ ଓ ସ୍ୱଚ୍ଛ ନିର୍ବାଚନ ଅନୁଷ୍ଠିତ କରିବା ନିର୍ବାଚନ କମିଶନ ପାଇଁ ଏକ ବଡ ଚ୍ୟାଲେଞ୍ଜ। ସ୍ୱଚ୍ଛ ଓ ଅବାଧ ନିର୍ବାଚନ ପରିଚାଳନାରେ ପୁଲିସ ଓ ସୁରକ୍ଷା ବିଭାଗର ବଡ ଗୁରୁତ୍ୱ ରହୁଥିବା ନେଇ ବଲାଙ୍ଗିର ପୁଲିସକୁ ଏହି ପ୍ରସ୍ତୁତିରେ ସାମିଲ କରାଯାଇଛି। ସମ୍ବେଦନଶୀଳ ସ୍ଥାନରେ ଫ୍ଲାଗ ମାର୍ଚ୍ଚ କରାଯାଉଥିବା ବେଳେ ଅପରାଧୀ ଓ ମାଓ ଦମନ କାର୍ଯ୍ୟକ୍ରମ ଜାରି ରହିଛି। କଣ୍ଟାବାଞ୍ଜି, ପାଟଣାଗଡ଼ ପରେ ଶୁକ୍ରବାର ବଲାଙ୍ଗିରରେ ମଧ୍ୟ ପୁଲିସ ଓ ସିଆଇଏସଏଫ ଯବାନ ମିଳିତ ଭାବେ ଫ୍ଲାଗ ମାର୍ଚ୍ଚ କରିଥିଲେ।

କିଛି ଦିନ ଭିତରେ ରାଜ୍ୟର ବିଭିନ୍ନ ସ୍ଥାନରେ କେନ୍ଦ୍ରୀୟ ସୁରକ୍ଷାବଳ ମୁତୟନ କରାଯାଇଥିବା ବେଳେ ବଲାଙ୍ଗିର ଜିଲ୍ଲାରେ ମଧ୍ୟ ବହୁ ସଂଖ୍ୟାରେ ସିଆଇଏସଏଫ ଯବାନଙ୍କୁ ନିର୍ବାଚନୀ ଦାୟିତ୍ୱରେ ନିୟୋଜିତ କରାଯାଇଛି। ପ୍ରଥମେ କଣ୍ଟାବାଞ୍ଜି ଓ ପାଟଣାଗଡ଼ରେ ଜିଲ୍ଲା ପୁଲିସ ଓ ସିଆଇଏସଏଫ ଯବାନ ମିଳିତ ଭାବେ ଫ୍ଲାଗମାର୍ଚ୍ଚ କରିଥିବା ବେଳେ ଶୁକ୍ରବାର ବଲାଙ୍ଗିର ସହରରେ ଫ୍ଲାଗମାର୍ଚ୍ଚ କରାଯାଇଥିଲା। ଜିଲ୍ଲା ପୁଲିସ କର୍ମଚାରୀଙ୍କ ସମେତ ଦୁଇ କଂପାନୀ ସିଆଇଏସଏଫ ଯବାନ ଉପସ୍ଥିତ ଥିଲେ। ଏସପି ରିଶିକେଷ ଖିଲାରୀଙ୍କ ନେତୃତ୍ୱରେ ଅତିରିକ୍ତ ଏସପି, ଟାଉନ ଥାନାଧିକାରୀ, ଏସଡିପିଓ, ଟାଉନ ଥାନାଧିକାରୀ ଓ ମୁଖ୍ୟାଳୟ ଡିଏସପି ଓ ଇନ୍ସପେକ୍ଟରମାନେ ଏହି ଫ୍ଲାଗମାର୍ଚ୍ଚ କରିଥିଲେ।

ଏସପିଙ୍କ ସୂଚନା ଅନୁସାରେ, ବଲାଙ୍ଗିର ପରେ ଏହି ଫ୍ଲାଗମାର୍ଚ୍ଚ ସଇଁତଲା, ଟିଟିଲାଗଡ଼ ଭଳି ଅନ୍ୟ ସମ୍ବେଦନଶୀଳ ଅଞ୍ଚଳରେ କରାଯିବ।



### ନିର୍ବାଚନ ପୂର୍ବରୁ ଅପରାଧୀଙ୍କ ବିରୋଧରେ ଅଭିଯାନ

ସେହିପରି ନିର୍ବାଚନ ପୂର୍ବରୁ ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ ପାଞ୍ଚ ଶହରୁ ଅଧିକ ଅବକାରୀ ମାମଲା ରୁଜୁ କରାଯାଇଥିବା ବେଳେ ୪୫୦ରୁ ଅଧିକ ଅପରାଧିକ ମାମଲାର ଅଭିଯୁକ୍ତଙ୍କ ବିରୋଧରେ ୱାରେଣ୍ଟ ଜାରି କରାଯାଇଥିବା ଜଣାପଡ଼ିଛି। ତିନି ହଜାର ଦୁଇ ଶହରୁ ଅଧିକ ଲୋକଙ୍କ ନାମରେ ୧୧୦, ୧୦୭ ଦଫାରେ ନୋଟିସ ଜାରି କରାଯାଇଛି। ଅନ୍ୟପକ୍ଷରେ, ବଲାଙ୍ଗିରରେ ମାଓ ଏକ ବଡ ସମସ୍ୟା ହୋଇଥିବା ବେଳେ ମାଓ ପ୍ରଭାବିତ ଅଞ୍ଚଳରେ ଶତ ପ୍ରତିଶତ ମତଦାନ ପ୍ରଶାସନ ଓ ପୁଲିସର ମୁଣ୍ଡବ୍ୟଥାର କାରଣ ପାଲଟିଥାଏ। ମାଓବାଦୀଙ୍କ ଭୟ ଓ ଧମକରେ ଲୋକେ ନିର୍ବାଚନରେ ସାମିଲ ହେଉ ନଥିବା ବେଳେ ସେମାନଙ୍କୁ ସଚେତନ କରି ମତଦାନ କରାଇବା ଏକ ବଡ ଚ୍ୟାଲେଞ୍ଜ। ନିୟମିତ ମାଓ ଇଲାକାରେ ଅପରେସନ ଜାରି ରହିଥିବା ବେଳେ ଏନେଇ ପଦକ୍ଷେପ ମଧ୍ୟ ପୁଲିସ ଗ୍ରହଣ କରିଛି। ଜିଲ୍ଲାରେ ୯-୧୦ ଟି ସ୍ଥାନରେ କମ୍ୟୁନିଟି ପୁଲିସିଂ କାର୍ଯ୍ୟକ୍ରମ କରାଯାଇଥିବା ବେଳେ ମାଓ ପ୍ରଭାବିତ ଅଞ୍ଚଳର ଲୋକଙ୍କ ପାଖକୁ ଯାଇ ପୁଲିସ ନିର୍ବାଚନରେ ସାମିଲ ହେବା ପାଇଁ ସଚେତନ କରୁଥିବା ଏସପି କହିଛନ୍ତି। ଏହି କାର୍ଯ୍ୟକ୍ରମ ଆଗକୁ ମଧ୍ୟ ଜାରି ରହିବ ବୋଲି ଶୁକ୍ରବାର ବଲାଙ୍ଗିର ଏସପି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ବଡ଼ଡକଲାରେ ଶଙ୍ଖ ଜନସମ୍ପର୍କ

**ତୁରେକେଲା,୧୫।୩(ସମିସ):** କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀ ତୁରେକେଲା ବ୍ଲକ ଅନ୍ତର୍ଗତ ବଡ଼ଡକଲା ସାନଡକଲା, ଗୁର୍ଲାଗୁଡା, ନାଗଫେନା ଏବଂ ତେତେଲଖୁଣ୍ଟି ଗାଁରେ ଯୁବ ବିଜେଡି ନେତା ଡାକ୍ତର ଅମଜତ ଖାନଙ୍କ ନେତୃତ୍ୱରେ ବିଜୁ ଜନତା ଦଳର ଶଙ୍ଖ ଜନସମ୍ପର୍କ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ହାଜି ମହମ୍ମଦ ଆୟୁବ ଖାନ ଯୋଗ ଦେଇଥିଲେ। ସ୍ଥାନୀୟ ଲୋକଙ୍କ ସମସ୍ୟା ବୁଝିବା ସହ ରାଜ୍ୟ ସରକାରଙ୍କ ଅନେକ ଲୋକାଭିମୁଖୀ ଯୋଜନା ବିଷୟରେ ଲୋକଙ୍କୁ ସଚେତନ କରିଥିଲେ।



## ବିଭିନ୍ନ ସମସ୍ୟାନେଇ ବିଡିଓଙ୍କୁ ଗ୍ରାମବାସୀଙ୍କ ଦାବିପତ୍ର



**ଖପ୍ରାଖୋଲ, ୧୫।୩ (ସମିସ):** ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ଘୁନସର ପଞ୍ଚାୟତର ପିଙ୍ଗଳମୁଣ୍ଡା ଗ୍ରାମବାସୀ ବିଭିନ୍ନ ସମସ୍ୟା ନେଇ ଖପ୍ରାଖୋଲ ବିଡିଓଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଘୁନସର ପଞ୍ଚାୟତ ଅନ୍ତର୍ଗତ ପିଙ୍ଗଳମୁଣ୍ଡା ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ ବିଭିନ୍ନ ସମସ୍ୟା ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଯାଇଛି। ଏନେଇ ଏକ ପ୍ରତିନିଧିମଣ୍ଡଳୀ ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀଙ୍କୁ ଭେଟିଥିଲେ।

ଅଭିଯୋଗ ଅନୁଯାୟୀ, ପିଙ୍ଗଳମୁଣ୍ଡାଠାରୁ ଘୁନସର ଓ ପିଙ୍ଗଳମୁଣ୍ଡାରୁ ଫୁଲକିମୁଣ୍ଡା ରାସ୍ତା ଦୀର୍ଘ ଦିନ ଧରି ପରିତ୍ୟକ୍ତ ଭାବରେ ପଡ଼ି ରହିଛି। ଏହାସହ ଘୁନସର ପଞ୍ଚାୟତକୁ ଯିବାକୁ ହେଲେ ସନ୍ତସନ୍ତିଆ ଓ ଖାଲଖମା ରାସ୍ତା ରହିଛି; ଯାହାକି ବିପଦସଙ୍କୁଳ ଅଟେ। ଉକ୍ତ ରାସ୍ତାର ଉନ୍ନତିକରଣ ପାଇଁ ୨୦୨୨-୨୩ ଆର୍ଥିକ ବର୍ଷରେ ପଞ୍ଚାୟତ ତରଫରୁ ମୋରମ ବିଛା ଯାଇଥିବା ବେଳେ ନିମ୍ନମାନର କାମ ଯୋଗୁଁ ଆହୁରି ଖାଲଖମାରେ ଭର୍ତ୍ତି ହୋଇଛି। ଆହୁରି ମଧ୍ୟ ଯେ ପଞ୍ଚାୟତ ବିଭାଜନ ପରେ ପିଙ୍ଗଳମୁଣ୍ଡା ଗ୍ରାମ ଏକ ରାଜସ୍ୱ ଗ୍ରାମ ଭାବରେ ରହିଥିବା ବେଳେ ମନରେଗା କାମରେ ହିତାଧିକାରୀଙ୍କ ଜବ୍ କାର୍ଡରେ ନିଜ ଗ୍ରାମର ନାମ ନଥିବା ବେଳେ ଅନ୍ୟ ଗ୍ରାମ ନାମରେ ଆଶ୍ରିତ ଭାବରେ କାମ କରିଆସୁଛନ୍ତି। ଏନେଇ ବିଧାୟକ, ସଂସଦଙ୍କୁ ମଧ୍ୟ ପିଙ୍ଗଳମୁଣ୍ଡା ଗ୍ରାମବାସୀ ଅଭିଯୋଗ କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରି ନଥିବା ଅଭିଯୋଗ କରିଛନ୍ତି। ଆଗାମୀ ଦିନରେ ଆମରଣ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏନେଇ ଖପ୍ରାଖୋଲ ବିଡିଓ କିଛି ଦିନର ସମୟ ମାଗିବାରୁ ଗ୍ରାମବାସୀ ସେମାନଙ୍କ ସମସ୍ୟା ସମାଧାନ ଦିଗରେ ଅପେକ୍ଷାରେ ରହିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦଦେଲେ ଲୋଇସିଂହାବାସୀ



**ଲୋଇସିଂହା,୧୫।୩(ସମିସ):** ବଲାଙ୍ଗିର ଜିଲ୍ଲା ଲୋଇସିଂହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା କରିବା ପରେ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳି ଯାଇଛି। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତିକୁ ସାଧାରଣରେ ସ୍ୱାଗତ କରାଯାଇଛି। ଶୁକ୍ରବାର ରାଜ୍ୟ ସରକାରଙ୍କ ଏହି ଘୋଷଣା ପାଇଁ ସ୍ଥାନୀୟ ଲୋକେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଧନ୍ୟବାଦ ଜଣାଇଛନ୍ତି। ଜିଲ୍ଲା ପର୍ଯ୍ୟବେକ୍ଷକ ନିରଞ୍ଜନ ପୂଜାରୀଙ୍କ ତତ୍ତ୍ୱାବଧାନରେ ବିଜେଡି ରାଜ୍ୟ ପରିଷଦ ସଦସ୍ୟ ନିହାର ରଞ୍ଜନ ବେହେରାଙ୍କ ନେତୃତ୍ୱରେ ଲୋଇସିଂହା, ବୁର୍ଡା ପଞ୍ଚାୟତର ବୁର୍ଡ଼ା ଓ ହୀରାପୁର ପଞ୍ଚାୟତର ସାରସମୁଣ୍ଡା, ସେମେଲମୁଣ୍ଡାର ବୁଦ୍ଧିଜୀବୀ ଭୁବନେଶ୍ୱର ନବୀନ ନିବାସକୁ ଯାଇ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ବିଜେଡି ନେତା ସୁଶାନ୍ତ ସିଂଙ୍କୁ ମଧ୍ୟ ଭେଟି ଧନ୍ୟବାଦ ଜଣାଇଥିଲେ। ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ବ୍ରଜ ମୋହନ ବିଷୋୟୀ, ଲୋଇସିଂହା ବ୍ଲକ ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ ଉପସ୍ଥିତ ଥିଲେ।

## 'ଲୋକ ସଶକ୍ତ ଜନପ୍ରତିନିଧି ବାଛନ୍ତୁ'

**ବଲାଙ୍ଗିର, ୧୫।୩(ସମିସ):** ଆମ ଛାତ୍ରମାନଙ୍କୁ ଉତ୍ତମ ଶିକ୍ଷା ବ୍ୟବସ୍ଥା ସହ କର୍ମନିଯୁକ୍ତିର ସୁଯୋଗ ପ୍ରଦାନ କରିବାକୁ ପଡ଼ିବ। ଆମର ଚାଷୀକୁ ତାର ଅମଳ ପ୍ରକୃତ ମୂଲ୍ୟ ଦେବାକୁ ପଡ଼ିବ ବୋଲି ଜିଲ୍ଲା ସାମ୍ବାଦିକ ଭବନଠାରେ ଆୟୋଜିତ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଏକ ବାର୍ତ୍ତାଳାପର ଆଲୋଚନା ସମୟରେ ଏଆଇସିସି ସଦସ୍ୟ ତଥା ରାଜ୍ୟ କଂଗ୍ରେସର ସାଧାରଣ ସମ୍ପାଦକ ସମରେନ୍ଦ୍ର ମିଶ୍ର କହିଛନ୍ତି। ପ୍ରଶ୍ନର ଉତ୍ତରରେ ସମରେନ୍ଦ୍ର କହିଥିଲେ ଯେ ଗୋଟିଏ ଅଞ୍ଚଳର ବିକାଶ ପାଇଁ ସବୁବେଳେ ଲୋକେ ଏକ ସଶକ୍ତ ଜନପ୍ରତିନିଧି ବାଛିବା ଦରକାର। କାର୍ଯ୍ୟକ୍ରମରେ ଗଣମାଧ୍ୟମ ପ୍ରତିନିଧି ସାମ୍ବାଦିକ ଗୋପବନ୍ଧୁ ଶତପଥୀ, ବିରେନ୍ଦ୍ର ଝାଙ୍କର, ଜ୍ୟୋସ୍ନାରାଣୀ ଦାଶ, ବିଭୂକଲ୍ୟାଣ ଗଡ଼ତ୍ୟା, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଦୀପକ ପୁରୋହିତ, ବିଭୂ ମିଶ୍ର, ଶ୍ରୀମନ୍ତ ପଣ୍ଡା, ଚିତ୍ତରଞ୍ଜନ ମିଶ୍ର, ନିବେଶ ପାଣିଗ୍ରାହୀ, ଋତୁରାଜ ସିଂ, ଚନ୍ଦ୍ରଭାନୁ ମୌଲାନା ପ୍ରମୁଖ ଆଲୋଚନା କରିଥିଲେ।



## ୧୯ରେ ତାଲପାଲିପଡ଼ା ରାମଜୀ ମନ୍ଦିର ରତ୍ନମୁଦ ସ୍ଥାପନ

**ବଲାଙ୍ଗିର, ୧୫।୩ (ସମିସ):** ବଲାଙ୍ଗିର ସହରର ୪ନମ୍ବର ୱାର୍ଡ ତାଲପାଲିପଡାରେ ବହୁବର୍ଷ ଅବହେଳିତ ହୋଇପଡିରହିଥିବା ମନ୍ଦିରର ପୁନଃନିର୍ମାଣ ଚାଲିଛି। ପଡାବାସୀଙ୍କ ଉଦ୍ୟମରେ ଆରମ୍ଭ ହୋଇଥିବା ଏହି ମନ୍ଦିରକାମ ଶେଷପର୍ଯ୍ୟାୟରେ ପହଞ୍ଚିଛି। ରାଜ୍ୟସରକାର ମନ୍ଦିରଗୁଡିକର ରୂପାନ୍ତରଣ କରାଉଛନ୍ତି। ସେହିକ୍ରମରେ ତାଲପାଲିପଡାବାସୀଙ୍କ ଅନୁରୋଧକ୍ରମେ ଏହି ରାମଜୀମନ୍ଦିର ପାଇଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଉନ୍ନୟନପାଣ୍ଠିରୁ ୬ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର ହୋଇ କାମ ଚାଲିଛି। ପୌରପାଳିକା ପକ୍ଷରୁ ରାମଜୀ ସ୍ୱୟଂସହାୟିକା ଗୋଷ୍ଠୀ ଏହାର କାମ କରାଉଛନ୍ତି। ଆସନ୍ତା ମାର୍ଚ୍ଚ ୧୯ ତାରିଖରେ ଏହାର ରତ୍ନମୁଦ ସ୍ଥାପନ କରାଯିବ ବୋଲି ପଡାବାସୀଙ୍କ ସୂତ୍ରରୁ ଜଣାଯାଇଛି। ସହରର ଶ୍ରଦ୍ଧାଳୁମାନେ ଧାନ, ଅଷ୍ଟଧାତୁ ଓ ସୁବର୍ଣ୍ଣାଦି ପ୍ରଦାନ କରିବାକୁ ପଡାବାସୀ ନିବେଦନ କରିଛନ୍ତି। ଆସନ୍ତା ୧୮ ଦିନ ୨.୪୦ରୁ କଳସ ଶୋଭାଯାତ୍ରା ପରେ ୧୯ ତାରିଖରେ ୮.୫୧ରୁ ୧୦.୨୫ମି.ମଧ୍ୟେ ସୂର୍ଯ୍ୟପୂଜା, ଇନ୍ଦ୍ର-ଇନ୍ଦ୍ରାଣୀପୂଜା, ମନ୍ଦିର ଗର୍ଭସଂସ୍କାର, ଧାନ୍ୟ ସ୍ଥାପନ ସହ ଦିନବେଳା ସୁନ୍ଦରାକାଣ୍ଡ ପାରାୟଣ ଅନୁଷ୍ଠିତ ହେବ। ୩.୧୫ମି.ରେ ପୂର୍ଣ୍ଣାହୁତି ସହ ପ୍ରସାଦ ସେବନ କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେବେ ବୋଲି ଆୟୋଜକ କମିଟି ନିବେଦନ କରିଛନ୍ତି।



## କଣ୍ଟାବାଞ୍ଜି ପୌର କାଉନସିଲରଙ୍କ ସ୍ୱତନ୍ତ୍ର ବୈଠକ

**ତୁରେକେଲା,୧୫।୩(ସମିସ):** କଣ୍ଟାବାଞ୍ଜି ପୌର ପରିଷଦ ସଭାଗୃହରେ କାଉନସିଲରମାନେ ଏକ ବୈଠକରେ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କିଛି ଦିନ ତଳେ ପୌର ପରିଷଦ, ବିଜ୍ଞାପିତ ଅଞ୍ଚଳ ପରିଷଦ, ସହ ବିଭିନ୍ନ ନିର୍ବାଚିତ ଜନପ୍ରତିନିଧିଙ୍କୁ ମାସିକ ଦରମା ଘୋଷଣା କରିଥିବାରୁ ଧନ୍ୟବାଦ ପ୍ରସ୍ତାବ ଗୃହୀତ ହେବା ସହ ଏକ ଦାବିପତ୍ର ମଧ୍ୟ ପ୍ରଦାନ କରାଯାଇଛି। ଜିଲ୍ଲାପାଳଙ୍କ ଜରିଆରେ ଯଥାଶୀଘ୍ର କାଉନସିଲରଙ୍କ ଭତ୍ତାକୁ ବୈଠକ ଭତ୍ତା ପରିବର୍ତ୍ତେ ମାସିକ ଦରମା ୭,୦୦୦ ଟଙ୍କା ପ୍ରଦାନ କରିବା ପାଇଁ ଅନୁରୋଧ କରିଛନ୍ତି ସମସ୍ତ କାଉନସିଲର। ଏନେଇ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କଣ୍ଟାବାଞ୍ଜି ପୌର ପରିଷଦ ଅଧ୍ୟକ୍ଷ ବରିୟାମ ସିଂ ସାଲୁଜା, ଉପାଧ୍ୟକ୍ଷା ମନୋରମ ରାଉତ, କାଉନସିଲର ନୀଳକଣ୍ଠ ଶତପଥୀ, ବିକାଶ ତରିଆ, ସୂର୍ଯ୍ୟପ୍ରତାପ ମିଶ୍ର, ସୁନୀତା ବୁଡେକ, ବେଦକାନ୍ତି ପନିକା, ଶାନ୍ତି ଦୀକ୍ଷିତ, ହେମାନି ଜଗତ, ଗୌତମ ବେହେରା, ଇମ୍ରାନ ଖାନ, ଲଳିତ ଅଗ୍ରୱାଲ, ଅଶୋକ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।



## ଦୋଳ ପୂର୍ଣ୍ଣିମା ମହୋତ୍ସବ ପ୍ରସ୍ତୁତି

**ବଲାଙ୍ଗିର, ୧୫।୩(ସମିସ):** ପୁଇଁତଲା ବ୍ଲକ ଅନ୍ତର୍ଗତ ମଲମୁଣ୍ଡା ପଞ୍ଚାୟତ କୁର୍ଲୁପାଲିସ୍ଥିତ ମା' ସମଲେଶ୍ୱରୀଙ୍କ ପୀଠରେ ଚଳିତମାସ ୨୫ ତାରିଖରେ ଦୋଳପୂର୍ଣ୍ଣିମା ମହୋତ୍ସବ ପାଳନ ଉପରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ଅନିରୁଦ୍ଧ ବଗର୍ତ୍ତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକକୁ ବ୍ଲକ ସଂପାଦକ ପ୍ରଦୀପ ସେଲମା ପରିଚାଳନା କରିଥିଲେ। ବୈଠକରେ ଯୁବ ଯାଦବ ସଂପାଦକ ସଚିଦାନନ୍ଦ ବଗର୍ତ୍ତୀ, ପିତାମ୍ବର ବାଙ୍କ, ମହାଦେବ ବାଙ୍କ, ସୁଦାମ ସେଲମା, ଗୁଣନିଧି ବାଗ, ଲକ୍ଷ୍ମୀ ନାରାୟଣ ଷାଣ୍ଡ, ଶଙ୍କର ବାଗ, ନକୁଳ ବାଙ୍କ, ଗୌରାଙ୍ଗ ରାଉତ, ସତ୍ୟ ବଗର୍ତ୍ତୀଙ୍କ ସମେତ ବ୍ଲକ ଅଞ୍ଚଳର ଗ୍ରାମପଞ୍ଚାୟତ ସଭାପତି, ସଂପାଦକମାନେ ଉପସ୍ଥିତ ଥିଲେ। ଜଗନ୍ନାଥ ଚନ୍ଦନ ଧନ୍ୟବାଦ ଅର୍ପଣ କରିଥିଲେ।

## ସାମ୍ବାଦିକଙ୍କୁ ସମ୍ମାନ, ସୁରକ୍ଷା ଓ ପେନ୍‌ସନ ଦାବି

**ପାଟଣାଗଡ଼/ବଲାଙ୍ଗିର, ୧୫।୩ (ସମିସ):** କାର୍ଯ୍ୟରତ ସାମ୍ବାଦିକ ମାନଙ୍କୁ ସମ୍ମାନ, ସୁରକ୍ଷା ଓ ପେନସନ ଦାବିରେ ପାଟଣାଗଡ଼ ଓୟୁଜେ ଶାଖା ପକ୍ଷରୁ କଳା ବ୍ୟାଜ ପରିଧାନ କରି ଶାନ୍ତିପୂର୍ଣ୍ଣ ଭାବରେ ସଂଘର ଜିଲ୍ଲା ସମ୍ପାଦକ ଅଭୟ ତ୍ରିପାଠୀ ଓ ଉପସଭାପତି ପ୍ରବୀଣ ପୁରୋହିତଙ୍କ ନେତୃତ୍ୱରେ ଉପଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଏହାସହ ଉପଜିଲ୍ଲାପାଳ ମସଫିଲ କେରକେଟାଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ବରିଷ୍ଠ ସଦସ୍ୟ ସଦାଶିବ ସରାପ, ସୁବୋଧ ମେହେର, ରାଜେଶ ଚାନ୍ଦ, ଲଳିତ ମିଶ୍ର, ତାପସ ରଞ୍ଜନ ବେହେରା, ସୁନୀଲ ଚୋପଦାର, ନରେନ୍ଦ୍ର ଭୋଇ, ଉମାକାନ୍ତ ପଧାନ, ବିହାରୀ ପଧାନ, କରୁଣାକର ବୁଢ଼େକ, ସୁଧାକର ଦାଶ, ସଚିଦାନନ୍ଦ ମହାକୁର, ଦିଲୀପ ଭୋଇ ସମେତ ଅନ୍ୟ ସାମ୍ବାଦିକ ସଂଘର ସଦସ୍ୟ ଉପସ୍ଥିତ ଥିଲେ।

ବଲାଙ୍ଗିର ଜିଲ୍ଲା ସାମ୍ବାଦିକ ୟୁନିୟନ ପକ୍ଷରୁ ମଧ୍ୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଳା ବ୍ୟାଜ୍ ପରିଧାନପୂର୍ବକ ପ୍ରତିବାଦ କରାଯିବା ସହ ରାଜ୍ୟସରକାରଙ୍କୁ ଜିଲ୍ଲା ସଭାପତି ପ୍ରଦୀପ୍ତ ମିଶ୍ରଙ୍କ ନେତୃତ୍ୱରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସାମ୍ବାଦିକମାନେ ଆକ୍ରୋଶ ଓ ହିଂସାର ଶିକାର ହେଉଥିଲା ବେଳେ ସେମାନଙ୍କ ସୁରକ୍ଷା ଅନିବାର୍ଯ୍ୟ ହୋଇ ପଡ଼ିଛି। ସେହିପରି ଆର୍ଥିକ ଓ ସ୍ୱାଭିମାନ ରକ୍ଷା ପାଇଁ ମଧ୍ୟ ସଂଘ ପକ୍ଷରୁ ଶୁକ୍ରବାର ସହାୟକ ଜିଲ୍ଲାପାଳ ଘନଶ୍ୟାମ ମୁଣ୍ଡଙ୍କୁ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲା ଉପସଭାପତି ଶରତ ମିଶ୍ର, ସମ୍ପାଦକ ନରେଶ ସାହୁ, ରାଜ୍ୟ ସାଂଗଠନିକ ସମ୍ପାଦକ ରିତୁରାଜ ସିଂହ, ବରିଷ୍ଠ ସଦସ୍ୟ ନବୀନ ପଶାୟତ, ରଂଜିତ ବେହେରା, ମୁନା ଗୌଡ଼, ଗୁପ୍ତେଶ୍ୱର ପୃଷ୍ଟି, ଅନ୍ତର୍ଯ୍ୟାମୀ ପଶାୟତ, ମୁକେଶ ବହିଦାର, ସସ୍ମିତା ସାହୁ, ଦିଲୀପ ମେହେର, ବଳରାମ ମିଶ୍ର, ସୁନୀଲ ବେହେରା, ଦେବାଶିଷ ବହିଦାର, ସତ୍ୟପ୍ରିୟ ମିଶ୍ର, ଆଲୋକ ମିଶ୍ର ସହଯୋଗ କରିଥିଲେ।



# ମରଣଯନ୍ତା ପାଲଟିଛି ସୁର୍ଡ଼ା-ଦଶପୁର ରାସ୍ତା

ବଲାଙ୍ଗିର/ମହିମୁଣ୍ଡା, ୧୫।୩(ସମିସ)

"ବରଷ୍ ପାଁଚେ ହେଲାନ ଏନ୍ତା ବାଟେ ଯାନାଆନା କରୁଛୁଁ। ଗଲା ଆଏଲା ବେଲେ ପାର୍ କରିଦେ ବଲି ସୁର୍ଡାର୍ ମହାଦେବ୍ ବାବା କେ ସୁମରନା କରୁଥିସୁଁ ଆଜ୍ଞା। ରୋଡ୍ ର କଥା ଆମକେ ଆରୁ ନେଇଁ ପଚରଉନ୍। ବାଟ୍ ଦେଖିଦେଲେ କୁନୁଆ ଡାକବାର୍ କେ ଲାଏଜ୍ ଲାଗୁଛେ"। ବଲାଙ୍ଗିର ଜିଲ୍ଲା ପୁଇଁତଲା ବ୍ଲକ ଦଶପୁର ପଞ୍ଚାୟତର ଛଅ ଖଣ୍ଡ ଗାଁର ଲୋକେ ଏକଥା କହୁଛନ୍ତି। ସୁର୍ଡାରୁ ଦଶପୁର ଯାଇଥିବା ରାସ୍ତାର ଅବସ୍ଥା ଏତେ ଶୋଚନୀୟ ଯିଏ ଯାଇଛି ସେ ଜାଣିଛି।

ଖବରରେ ଦିଆଯାଇଥିବା ରାସ୍ତାର ଫଟୋଟି ହେଉଛି ସୁର୍ଡା-ଦଶପୁର ରାସ୍ତାର। ଏହି ରାସ୍ତା କଂସରା ଗାଁ ଦେଇ ସୋନପୁର ଜିଲ୍ଲାକୁ ସଂଯୋଗ କରିଛି। ଏହି ରାସ୍ତାରେ ଦଶପୁର, ନାଇକେନପାଲି, କୁଟେନପାଲି, ଗର୍ଗାମୁଣ୍ଡା, ଦୁହେଲ, ପଥର୍ଲା, ତଲଗଛ, ବରଣ୍ଡାବାହାଲ, କଂସରା ଏଭଳି ଅନେକ ଗ୍ରାମର ନିର୍ଭର କରନ୍ତି। ଏହା ପୁଇଁତଲା ବ୍ଲକର ଏକ ମୁଖ୍ୟରାସ୍ତା ଅଟେ। ହେଲେ ଦୀର୍ଘ ୫ ବର୍ଷ ହେବ ଏହି ରାସ୍ତା ଯାତ୍ରୀଙ୍କ ପାଇଁ ମରଣଯନ୍ତା ପାଲଟିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଗତ ୨୦୧୯ରେ ଲଗାଣବର୍ଷା କାରଣରୁ ସୁର୍ଡାର ନିବୃତି ଜୋର ଉପରେ ବନ୍ୟା ଆସିଥିଲା। ବନ୍ୟାରେ ରାସ୍ତାଟି ସମ୍ପୂର୍ଣ୍ଣ ଭାବରେ ଧୋଇ ହୋଇଥିଲା। ସେହିଦିନ ଠାରୁ ସୁର୍ଡା-ଦଶପୁର ରାସ୍ତା ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି। ନୂତନ ରାସ୍ତା ନିର୍ମାଣ କିମ୍ବା ରାସ୍ତାର ମରାମତି କରିବାକୁ ଅନେକ ଥର ଦାବି ହୋଇଛି। ଉକ୍ତ ରାସ୍ତାଟି ଜଣେ ବ୍ୟକ୍ତିଙ୍କ ରୟତି ଜାଗାରେ ରହିଥିବାରୁ ନୂଆ ରାସ୍ତା ନିର୍ମାଣ କରାଯାଇପାରୁନାହିଁ ବୋଲି ପୁଇଁତଲା ବ୍ଲକ ଅଧ୍ୟକ୍ଷ ସରୋଜ ପ୍ରଧାନ କହିଥିଲେ। ସେଇଥିପାଇଁ ବୋଧହୁଏ ଆରଡି ବିଭାଗ ମଧ୍ୟ କୌଣସି ପଦକ୍ଷେପ ନେଉନାହିଁ ବୋଲି କୁହାଯାଉଛି। ତାହେଲେ ରାସ୍ତାଟି ରୟତି ପ୍ଲଟ୍‌ରେ ଆସିଲା ବୋଲି କ'ଣ ଏହି ସ୍ଥାନରେ ଆଉ ନୂତନ ରାସ୍ତା ନିର୍ମାଣ କରାଯାଇପାରିବ ନାହିଁ ? ପ୍ରତିଦିନ ଏମିତି ବିପଦସଂକୁଳ ରାସ୍ତାରେ ହଜାର ହଜାର ଯାତ୍ରୀ ଯିବା ଆସିବା କରିବେ। ଏହି ରାସ୍ତା ସମ୍ପର୍କରେ ସ୍ଥାନୀୟ ବିଧାୟକ, ପ୍ରତିନିଧି ମାନଙ୍କୁ ଜଣାଅଛି ନା ନାହିଁ ଏଭଳି ଅନେକ ପ୍ରଶ୍ନ ଲୋକଙ୍କ ମନରେ ରହିଛି। ଯଥାଶୀଘ୍ର ଏହି ରାସ୍ତାର ମରାମତି କରିବାକୁ ବିଭିନ୍ନ ମହଲରୁ ଦାବି ଉଠିଛି।



### 'ବାଟ୍ ଦେଖିଲେ କୁନୁଆ ଡାକ୍‌ବାର୍ କେ ଲାଏଜ୍ ଲାଗୁଛେ'

## ତୈଳବୀଜ ଫସଲ ପ୍ରତି ବଢୁଛି ଚାଷୀଙ୍କ ଆଗ୍ରହ

# ରୋଜଗାର ସହ ପରିଚୟ ଦେଇଛି ସୂର୍ଯ୍ୟମୁଖୀ ଚାଷ

**କୋକସରା,୧୫।୩(ସମିସ)**

ରାଜ୍ୟ ସରକାରଙ୍କ ପ୍ରୟାସ ଫଳରେ ଅନେକ ଆନିକଟ, କ୍ଷୁଦ୍ର ଓ ମଧ୍ୟମ ଜଳସେଚନ ପ୍ରକଳ୍ପ, ଗଭୀର ନଳକୂପ ଖନନ, ଉଠାଜଳସେଚନ, ଇନ୍ଦ୍ରାବତୀ କେନାଲ ଆଦି ମାଧ୍ୟମରେ କୋକସରା ବ୍ଲକର ହଜାର ହଜାର ହେକ୍ଟର ଜମିରେ ଜଳସେଚନର ସୁବିଧା ହୋଇ ପାରିଛି। ଏସବୁ ଜମିରେ ରବି ଓ ଖରିଫ ଧାନ ଚାଷ ହୋଇ ଜିଲ୍ଲାର ଧାନ ଉତ୍ପାଦନରେ ସହାୟକ ହେଉଛି। ଅନ୍ୟ ପକ୍ଷରେ ଶୁଷ୍କ ଜମିମାନଙ୍କରେ ଜଳସେଚନର ସୁବିଧା ନ ଥିବାରୁ ପୂର୍ବେ ଚାଷୀ କେବଳ ଧାନ ଚାଷ କରିଦେଇ ହାତବାନ୍ଧି ଆସୁଥିଲେ। ବର୍ତ୍ତମାନ ସରକାର କୃଷି ବିଭାଗ ମାଧ୍ୟମରେ ଚାଷୀର ଅର୍ଥନୈତିକ ପ୍ରଗତି ପାଇଁ ତୈଳବୀଜ ଚାଷକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ସେହି କ୍ରମରେ ଚଳିତ ବର୍ଷ କୋକସରା ବ୍ଲକର ଅଣଜଳସେଚିତ ଅଞ୍ଚଳର ଚାଷୀମାନେ ତୈଳବୀଜ ଚାଷ ଆରମ୍ଭ କରି ବିଶେଷ ଲାଭବାନ ହେବାର ଲକ୍ଷ ରଖିଛନ୍ତି।



ଗୋଷ୍ଠୀ କୃଷି ଅଧିକାରୀଙ୍କ ସୂଚନା ଅନୁସାରେ ବ୍ଲକର ବଡପୋଡାଗୁଡ଼ା, ମହିମା, ପୋଡାଗୁଡା, ରେଙ୍ଗଲପାଲି, ଡହଗାଁ ଆଦି ଗ୍ରାମ ପଞ୍ଚାୟତର ୫୦ ହେକ୍ଟର ଜମିରେ ଏହି ଚାଷ କରାଯାଇଛି। ପରୀକ୍ଷାମୂଳକ ଭାବେ ୬୨ ଜଣ ଚାଷୀଙ୍କୁ ନେଇ ସୂର୍ଯ୍ୟମୁଖୀ ଚାଷ କରାଯାଇଥିବା ବେଳେ ଫସଲ ଉତ୍ତମମାନର ହୋଇଛି। ଆସନ୍ତା ବର୍ଷ ଜମିର ପରିମାଣ ବଢାଯିବ ବୋଲି ଗୋଷ୍ଠୀ କୃଷି ଅଧିକାରୀ ରାକେଶ ରଞ୍ଜନ ମାଝୀ ପ୍ରକାଶ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ସୂର୍ଯ୍ୟମୁଖୀ ଚାଷ ପାଇଁ କୋକସରା ଅଞ୍ଚଳର ମୃତ୍ତିକା ଓ ଜଳବାୟୁ ଅତି ଉତ୍ତମ ରହିଛି। ୨୦୨୩/୨୪ ଆର୍ଥିକ ବର୍ଷରେ କୃଷି ବିଭାଗ ପକ୍ଷରୁ ୬୨ ଜଣ ଚାଷୀଙ୍କୁ ହେକ୍ଟର ପିଛା ୫ କିଲୋ ଲେଖାଏଁ ବିହନ ଯୋଗାଇ ଦିଆଯାଇଥିଲା। ଏହା ସହ ବୈଷୟିକ ସହାୟତା ଓ ତାଲିମ୍ ପ୍ରଦାନ କରାଯାଇଥିବାରୁ ଚାଷୀମାନେ ଉତ୍ତମ ମାନର ସୂର୍ଯ୍ୟମୁଖୀ ଚାଷ କରି ପାରିଛନ୍ତି। ଏହି ଅଞ୍ଚଳର ଚାଷୀ ଧାନ ବ୍ୟତିତ ମକା, ପିଆଜ ଓ ମାଣ୍ଡିଆ ଚାଷରେ ଅନେକ ସଫଳତା ପାଇ ଲାଭବାନ ହୋଇ ପାରିଛନ୍ତି। ଏବେ ସୂର୍ଯ୍ୟମୁଖୀ ଚାଷ ପାଇଁ ସରକାରୀ ପ୍ରୋତ୍ସାହନ ସହ ରୋଗ ପୋକର ଭୟ ନଥିବା ଏବଂ ଅନ୍ୟାନ୍ୟ ଚାଷ ଅପେକ୍ଷା ଏହି ଚାଷ ଅଧିକ ଅର୍ଥକରୀ ଫସଲ ହୋଇଥିବାରୁ ଆଗ୍ରହ ବଢ଼ାଇ ବିଶେଷ ଲାଭବାନ ହେବାର ଲକ୍ଷ୍ୟ ରଖିଥିବା ଅଞ୍ଚଳର ଚାଷୀମାନେ ମତ ପ୍ରକାଶ କରିଛନ୍ତି।

# ସାମ୍ବାଦିକ ପିନ୍ଧିଲେ କଳାବ୍ୟାଜ୍

**ଭବାନୀପାଟଣା,୧୫।୩(ସମିସ):** କଳାହାଣ୍ଡି ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ଓୟୁଜେ କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମେତ ଧର୍ମଗଡ ଉପଖଣ୍ଡ ଓ ସମସ୍ତ ୧୩ଟି ବ୍ଲକ୍‌ରେ ସାମ୍ବାଦିକମାନେ କଳାବ୍ୟାଜ୍ ପିନ୍ଧଛନ୍ତି। ସାଧାରଣ ସମ୍ପାଦକ ତଥା କଳାହାଣ୍ଡି ଜିଲ୍ଲା ସଂଘ ସଭାପତି କମ୍ବୁପାଣି ମିଶ୍ରଙ୍କ ନେତୃତ୍ୱରେ ବରିଷ୍ଠ ସାମ୍ବାଦିକ ସ୍ୱାଧୀନ ପାତ୍ର, ମନମୋହନ ପ୍ରଧାନ, ରାଜକୁମାର ସିଂହଦେଓ, ସନ୍ତୋଷ ସିଂହଦେଓ, ଲକ୍ଷ୍ମୀ ବାଗ, ବିକାଶ ଷଡ଼ଙ୍ଗୀ, ଶିବାନନ୍ଦ ନାଏକ, ଆଲିଶା ବେହେରା ଓ ଅନ୍ୟମାନେ ଉପସ୍ଥିତ ଥିଲେ।



## ଉତ୍କଳ ବାଳାଶ୍ରମ ପରିସରରେ ସ୍ୱଚ୍ଛତା ପକ୍ଷ

# ବର୍ଜ୍ୟବସ୍ତୁରୁ ଘରକରଣା ସାମଗ୍ରୀ ତିଆରି କଲେ ଶିଶୁ



**ଖଡ଼ିଆଳ,୧୫।୩(ସମିସ):** ବର୍ଜ୍ୟବସ୍ତୁରୁ କିପରି ଗୃହ ଉପଯୋଗୀ ସାଜସଜ୍ଜା ସାମଗ୍ରୀ ପ୍ରସ୍ତୁତ କରାଯାଇପାରିବ ତାହା କୋମଳମତି ଶିଶୁମାନେ କରି ଦେଖାଇଛନ୍ତି। ନୂଆପଡ଼ା ଜିଲ୍ଲା ଖଡିଆଳସ୍ଥିତ ଉତ୍କଳ ବଳାଶ୍ରମ ପରିସର ମଧ୍ୟରେ ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ ଶିଶୁମାନଙ୍କଠାରେ ଏହି ପ୍ରତିଭା ଦେଖିବାକୁ ମିଳିଛି। ଏହି ପକ୍ଷ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ଡ. ଫାଣିନ୍ଦ୍ରମ୍ ସିଂଦେଓ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅନ୍ତର୍ଯ୍ୟାମୀ ବଳିଆର ସିଂ, ଶିଶୁ କଲ୍ୟାଣ ସମିତି ସଦସ୍ୟ ନାରାୟଣ ଯୋଶୀ, ଶ୍ରୀନିବାସ ବେହେରା, ଉତ୍କଳ ବଳାଶ୍ରମ ଅଧ୍ୟକ୍ଷ ଅର୍ଚ୍ଚନା ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ।

# ଭଣଜା ଠେଙ୍ଗାମାଡ଼ରେ ମାମୁ ଗୁରୁତର

**କୋମନା,୧୫।୩(ସମିସ):** ନୂଆପଡ଼ା ଜିଲ୍ଲା କୋମନା ଥାନା ଡୁମେର ବାହାଲ ଗାଁରେ ଘରୋଇ କଳହରୁ ମାମୁଁ ଭଣଜା ମଧ୍ୟରେ ତୁମୁଳକାଣ୍ଡ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ସେହି ଗ୍ରାମର ଅଲେଖ ଜଗତ ଦୀର୍ଘ ଦିନରୁ ନିଜ ମାମୁ ଠଣ ସୁନ୍ଦର ମହନନ୍ଦ(୪୪)ଙ୍କ ଘରବାଡିରେ ରହି ଆସୁଛନ୍ତି; ହେଲେ ସେ ରହୁଥିବା ସ୍ଥାନକୁ ନିଜ ନାମରେ ଅକ୍ତିଆର କରୁଥିବା ଯୋଗୁଁ ମାମୁ ଠଣଙ୍କ ସହ ପାଟିତୁଣ୍ଡ ହୋଇଥିଲା। ଉତକ୍ଷିପ୍ତ ହୋଇ ଭଣଜା ଅଲେଖ ଓ ବଡ ଭଉଣି ମିଶି ଠଣଙ୍କୁ ଠେଙ୍ଗା ଓ ଛଡ଼ରେ ପିଟିଥିଲେ। ଏ ନେଇ ଠଣଙ୍କ ପରିବାର ଥାନାର ଦ୍ୱାରସ୍ଥ ହୋଇଥିବା ବେଳେ ମାରପିଟ କରିଥିବା ଅଲେଖ ମଧ ଠଣଙ୍କ ବରୋଧରେ କୋମନା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ଡାକ୍ତର ନିଯୁକ୍ତି ଓ ବିଭିନ୍ନ କାର୍ଯ୍ୟାଳୟରେ ଦୁର୍ନୀତି ଅଭିଯୋଗ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**ଧର୍ମଗଡ଼,୧୫।୩(ସମିସ)**

କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ର ଅଗ୍ରଣୀ ସମାଜସେବୀ ସଙ୍ଗଠନ ଜଗନ୍ନାଥ ସେବା ସମିତି ପକ୍ଷରୁ ବିଭିନ୍ନ ଦାବି ନେଇ ମୁଖ୍ୟମନ୍ତ୍ରୀ ଓ '୫-ଟି' ସଚିବଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଧର୍ମଗଡ ଉପଖଣ୍ଡ ଡାକ୍ତରଖାନାରେ ଆବଶ୍ୟକତା ଅନୁସାରେ ଡାକ୍ତର ନିଯୁକ୍ତି ଓ ଧର୍ମଗଡ ଉପଖଣ୍ଡରେ ରହିଥିବା ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଲାଞ୍ଚ କାରବାର ତଥା ଉନ୍ନୟନମୂଳକ କାର୍ଯ୍ୟ ନିମ୍ନମାନର କରାଯାଉଥିବା ଅଭିଯୋଗ ହୋଇଛି। ଜଗନ୍ନାଥ ସେବା ସମିତି ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ଅଗ୍ରୱାଲ ତାଙ୍କ ଲିଖିତ ଅଭିଯୋଗ ଜିଲ୍ଲାପାଳ ଓ ବିଭିନ୍ନ ଉନ୍ନୟନ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଓ ସଚିବଙ୍କୁ ମଧ୍ୟ ପଠାଇଛନ୍ତି। ଯଦି ଏହାର କୌଣସି ପ୍ରତିକାର ଗ୍ରହଣ କରା ନଯାଏ ତେବେ ଆଗାମୀ ଦିନରେ ବିଭିନ୍ନ ସମସ୍ୟା ନେଇ ଆନ୍ଦୋଳନ ଓ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ଧର୍ମଗଡ ଉପଖଣ୍ଡ ଡାକ୍ତରଖାନାରେ ଦୀର୍ଘ ବର୍ଷରୁ ଖାଲି ପଡ଼ିଥିବା ବିଭିନ୍ନ ବିଭାଗର ବିଶେଷଜ୍ଞ ପଦବୀ ଖାଲି ପଡ଼ିଛି। ଅନ୍ୟପକ୍ଷରେ ଇନ୍ଦ୍ରାବତୀ ପ୍ରକଳ୍ପ ମୁଖୀଗୁଡାର ନିର୍ବାହୀ ଯନ୍ତ୍ରୀମାନେ ବିନା ଟେଣ୍ଡରରେ ପାଞ୍ଚ ଲକ୍ଷ ଟଙ୍କାର ନିର୍ମାଣ କାର୍ଯ୍ୟରେ ପିସି କାରବାର ଅଭିଯୋଗ ହୋଇଛି। ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣ କରାଯାଉଥିବା ଧର୍ମଗଡ-ତାରାପୁର ରାସ୍ତା ନିମ୍ନମାନର ହେଉଥିବା, ଗ୍ରାମ୍ୟ ଉନ୍ନୟନ ବିଭାଗରେ କରାଯାଉଥିବା ଟେଣ୍ଡର କାର୍ଯ୍ୟ ମଧ୍ୟ ସଠିକ ଭାବରେ କାର୍ଯ୍ୟକାରୀ ହେଉ ନଥିବା ଓ ପ୍ରଧାନମନ୍ତ୍ରୀ ରାସ୍ତା ଗୁଡିକ କମ ଦିନରେ ଖାଲଖମାରେ ଭର୍ତ୍ତି ହୋଇଥିବା ଜଗନ୍ନାଥ ସେବା ସମିତି ପକ୍ଷରୁ ଅଭିଯୋଗ ହୋଇଛି। ବର୍ତ୍ତମାନ ଗ୍ରୀଷ୍ମ ଋତୁ ଆରମ୍ଭ ହୋଇଥିଲେ ମଧ୍ୟ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ନିର୍ମାଣ କରାଯାଉଥିବା ଓଭର ହେଡ ଟାଙ୍କି କାର୍ଯ୍ୟ ଶେଷ ହୋଇନାହିଁ। ଏପରିକି ନିର୍ମାଣ ହେଉଥିବା ଟାଙ୍କି ଓ ପାଇପ ଲାଇନ ନିମ୍ନମାନର ହେଉଥିବା ଶ୍ରୀ ଅଗ୍ରୱାଲ ଅଭିଯୋଗ କରିଛନ୍ତି।

# ନିର୍ବାଚନରେ ନିୟୋଜିତ ବିଭିନ୍ନ ଟିମ୍‌ଙ୍କୁ ନେଇ ସମୀକ୍ଷା ବୈଠକ

**ଭବାନୀପାଟଣା,୧୫।୩(ସମିସ):** ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ଅଧ୍ୟକ୍ଷତାରେ ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷଣ, ଖର୍ଚ୍ଚ ନିରୀକ୍ଷଣ ସେଲ, ଆଚରଣ ବିଧି, ଭିଡିଓ ଟିମ୍, ଷ୍ଟାଟିକ ସର୍ଭେଲାନ୍ସ ଟିମ୍, ଲେଖା ହିସାବ ଟିମ୍, ଅଭିଯୋଗ ନିୟନ୍ତ୍ରଣ ରୁମ୍ ଟିମ୍, ଏମସିଏମସିର ନୋଡାଲ ଅଧିକାରୀ ଏବଂ ଅନ୍ୟ ଅଧିକାରୀମାନଙ୍କୁ ନେଇ ସମୀକ୍ଷା କରାଯାଇ ସେମାନଙ୍କୁ ତାଲିମ ପ୍ରଦାନ କରାଯାଇଛି। ତାଲିମ ପ୍ରଦାନ କାର୍ଯ୍ୟକ୍ରମରେ ଆରକ୍ଷୀ ଅଧିକ୍ଷକ ଜି ଅଭିଲାଷ, ଅତିରିକ୍ତ ଜିଲ୍ଲାପାଳ ତ୍ରିଲୋଚନ ପାତ୍ର, ସିଡିଓ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ, ଧର୍ମଗଡ ଉପଜିଲ୍ଲାପାଳ ଧିମନ ଚକମା, ଭବାନୀପାଟଣା ଉପ ଜିଲ୍ଲାପାଳ ଡ ବିଶ୍ୱଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଆଚରଣବିଧି ଲାଗୁ ହେଲା ପରେ ଏହି ଟିମ୍ ମାନଙ୍କର ଗୁରୁ ଦାୟିତ୍ୱ ନିର୍ବାହ ସହ ଅତି



ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଆଚରଣବିଧି ଉଲଂଘନ, ଜାତି, ଧର୍ମ, ଭାଷା, ଚରିତ୍ରକୁ ନେଇ ଉତ୍ତେଜନାମୂଳକ ଭାଷଣ, ଆୟୋଜିତ ସଭାରେ ସମସ୍ତ ସାଜସଜ୍ଜା ବ୍ୟବସ୍ଥାର ଭିଡିଓ ରେକର୍ଡିଂ, ପ୍ରାର୍ଥୀଙ୍କ ନିର୍ବାଚନ ସମ୍ବନ୍ଧୀୟ ଖର୍ଚ୍ଚର ବିବରଣୀ, ଭୋଟରଙ୍କୁ ପ୍ରଲୋଭିତ କରିବାକୁ ବିଭିନ୍ନ ଧମକ ଦେବା, ଲାଞ୍ଚ ଦେବା ଭଳି ଅନୈତିକ ଉପାୟ ଅବଲମ୍ବନ, ସି-ଭିଜିଲ ଆପ୍‌ର ବ୍ୟବହାର ଉପରେ ପିପିଟି ମାଧ୍ୟମରେ ନିର୍ବାଚନରେ ନିୟୋଜିତ ଟିମ୍ ଅଧିକାରୀଙ୍କୁ ବିଶେଷ ତାଲିମ ଦିଆଯାଇଛି।

# ଡମ୍ବ ସମାଜ ଭବନ ଓ ବୁଦ୍ଧିଜୀବୀ ଭବନର ଭିତ୍ତିପ୍ରସ୍ତର ସ୍ଥାପନ

**ନର୍ଲା,୧୫।୩(ସମିସ):** ନର୍ଲା ବ୍ଲକ ବାଗପୁର ପଞ୍ଚାୟତ କେରାଣ୍ଡିଖୁଣ୍ଟିଠାରେ ଶୁକ୍ରବାର ଡମ୍ବ ସମାଜ ଭବନ ଓ ଭାନପୁର ପଞ୍ଚାୟତ ବାଲିପଡାଠାରେ ବୁଦ୍ଧିଜୀବୀ ଭବନର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ନର୍ଲା ବିଧାୟକ ଭୂପିନ୍ଦର ସିଂ, ସମ୍ମାନିତ ଅତିଥି ଜିଲ୍ଲା ପରିଷଦ ସଭ୍ୟ ହରିଶଙ୍କର ମାଝୀ, ସଭ୍ୟା ନମ୍ରତା ସାହୁ, ଲିଲି ଦୀପ, ବିଜେଡି ସଭାପତି ପରେଶ୍ ପଧାନ, ଛାତ୍ର ସଭାପତି ଘାସିରାମ ସାହୁ, ବ୍ଲକ ସଂପାଦକ ଭୋପାଳ ନାଗ ପ୍ରମୁଖ ଉପସ୍ଥିତ ଥିଲେ।

# କାର୍‌କୁ ଧକ୍କା ଦେଲା କଣ୍ଟେନର୍: ସ୍ୱାମୀ ସ୍ତ୍ରୀ-ମୃତ

**ଖଡ଼ିଆଳ,୧୫।୩(ସମିସ):** ନୂଆପଡା ଜିଲ୍ଲା ଖଡ଼ିଆଳ ଥାନା ଅଧୀନ ୩୫୩ ଜାତୀୟ ରାଜପଥ ଚଳାନପଡା ବଡପୋଲ ପାଖରେ ଶୁକ୍ରବାର ସନ୍ଧ୍ୟାରେ ଦୁର୍ଘଟଣା।। ଘଟିଛି। ଏକ କାର୍‌କୁ ଗୋଟିଏ କଣ୍ଟେନର ଧକ୍କା ଦେଇଛି। ଏହା ଫଳରେ କାରରେ ବସିଥିବା ସ୍ୱାମୀ ସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବଡଦୋହେଲ ଗ୍ରାମର ସେନାପତି ବାଗ (୩୬) ଓ ସ୍ତ୍ରୀ ତାଙ୍କ ସରିତା ବାଗ (୩୨)। ସିଜିଏଫଡି ୮୦୦ ନମ୍ବର ବିଶିଷ୍ଟ କାର୍ ଯୋଗେ ଉଭୟ ନୂଆପଡା ପଟକୁ ଯାଉଥିବା ବେଳେ ଏକ କଣ୍ଟେନର (ଏପି୩୯ଟିଏକ୍ସ ୬୮୫୯) କାରକୁ ପଛ ପଟୁ ଧକ୍କା ଦେଇଥିଲା। ଏହା ଫଳରେ କାର୍‌ଟି ଚୁରମାର ହୋଇଯାଇଥିଲା। ସ୍ୱାମୀ ଓ ସ୍ତ୍ରୀଙ୍କୁ ଗୁରୁତର ଅବସ୍ଥାରେ କାର ଭିତରୁ ଉଦ୍ଧାର କରାଯାଇଥିଲା। ତାଙ୍କୁ ନେଇ ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଦୁର୍ଘଟଣା ପରେ କଣ୍ଟେନରକୁ ୫ କିଲୋମିଟର ଦୂରରେ ଛାଡି ଡ୍ରାଇଭର ଫେରାର ହୋଇଯାଇଛି। ପୁଲିସ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଘଟଣାର ଅଧିକ ତଦନ୍ତ ଜାରିରହିଥିବା ଥାନା ଅଧିକାରୀ ପ୍ରଦୀପ ଧାରୁଆ ପ୍ରକାଶ କରିଛନ୍ତି।

# ଉପଖଣ୍ଡସ୍ତରୀୟ ୱାର୍ଡମେମ୍ବର ସଂଘର ବୈଠକ

**କୋକସରା,୧୫।୩(ସମିସ):** କୋକସରା ବ୍ଲକ ମୋଟେର ଧାନ ମଣ୍ଡିଠାରେ ଶୁକ୍ରବାର ଉପଖଣ୍ଡସ୍ତରୀୟ ୱାଡର୍‌ମେମ୍ବର ସଂଘର ଜରୁରୀ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଜୁନାଗଡ଼, ଧର୍ମଗଡ, ଜୟପାଟଣା, କଲମପୁର, କୋକସରା ସମେତ ୫ଟି ବ୍ଲକର ଶତାଧିକ ୱାଡର୍ ସଭ୍ୟସଭ୍ୟା ଯୋଗ ଦେଇଥିଲେ। ବୈଠକରେ ବିଭିନ୍ନ ସମସ୍ୟା ଓ ଦାବି ବିଷୟରେ ଆଲୋଚନା କରିଥିଲେ। ଦାବି ଗୁଡିକ ମଧ୍ୟରେ ୱାଡର୍ ମେମ୍ବରମାନେ ପଦବୀରେ ଥାଇ ମୃତ୍ୟୁବରଣ କିମ୍ବା ଦୁର୍ଘଟଣାଜନିତ ଅକ୍ଷମ ହେଲେ ୨ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା, ଆଂଶିକ ଦୁର୍ଘଟଣା କ୍ଷେତ୍ରରେ ୧ଲକ୍ଷ ଟଙ୍କା ସହାୟତା, ଗ୍ରାମ ପଞ୍ଚାୟତର ବିକାଶମୂଳକ କାର୍ଯ୍ୟ ୱାଡର୍ ମେମ୍ବରମାନଙ୍କ ଜରିଆରେ କରାଯିବା, ନିକଟରେ ଘୋଷଣା ହୋଇଥିବା ମାସିକ ପାରିତୋଷିକ ଭତ୍ତା ୪୮୦ ଟଙ୍କା ବଦଳରେ ମାସିକ ୬ ହଜାର ଟଙ୍କା ବୃଦ୍ଧି କରାଯିବା ପ୍ରଭୃତି ରହିଛି। ଉପରୋକ୍ତ ଦାବି ନେଇ ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷଙ୍କ ଉଦ୍ଦେଶ୍ୟରେ ଶନିବାର ଜିଲ୍ଲା ଓ ବ୍ଲକ ସ୍ତରରେ ଦାବିପତ୍ର ପ୍ରଦାନ ନିମନ୍ତେ ନିଷ୍ପତି ନେଇଛନ୍ତି। ଏହି ଅବସରରେ ଉପଖଣ୍ଡସ୍ତରୀୟ କର୍ମକର୍ତ୍ତା ଚୟନ କରାଯାଇଥିଲା। ଉପଖଣ୍ଡସ୍ତରୀୟ ସଭାପତି ଭାବେ ଦିଗାମ୍ବର ବେମାଲ, ସମ୍ପାଦକ ପୁରୁଷୋତ୍ତମ ସିଂ ରାଜପୁତ, ମହିଳା ସଂଯୋଜିକା ଦକ୍ଷସୂତା ନାଏକ, ମହିଳା ସହ ସଂଯୋଜିକା ହାରାବତୀ ପୂଝାରୀ ମନୋନୀତ ହୋଇଛନ୍ତି। ୱାଡର୍ ସଭ୍ୟ ଟୁନା ବାଗ, ସୁଶାନ୍ତ କୁମାର ବେହେରା, ବିଶେଶ୍ୱର ବନ୍ଦୀଛୋଡ, ଅନୁର୍ଯ୍ୟ ଶବର, ନିରୂପମା ଦାସ, ସୁବାସ ଦାସ, ବିଶ୍ୱମ୍ବର ମାଝୀ, ରାଜେଶ କୁମାର ଦୁର୍ଗା, ଗୁଣନିଧି ବାଗଙ୍କ ସମେତ ବିଭିନ୍ନ ପଞ୍ଚାୟତରୁ ଶତାଧିକ ୱାର୍ଡ ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ।



# ଧର୍ମଗଡ଼ ଉପଖଣ୍ଡ ସାମ୍ବାଦିକଙ୍କ କଳାବ୍ୟାଜ୍ ଧାରଣ

**ବେହେରା,୧୫।୩(ସମିସ):** ଧର୍ମଗଡ ଉପଖଣ୍ଡ ସାମ୍ବାଦିକ ସଂଘ ପକ୍ଷରୁ ୩ ଦଫା ଦାବି ନେଇ ଶୁକ୍ରବାର କଳା ବ୍ୟାଜ ଧାରଣ କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଜିଲ୍ଲା କାର୍ଯ୍ୟକାରୀ ସଭାପତି ବିରଞ୍ଚି ନାରାୟଣ ଜାଲଙ୍କ ନେତୃତ୍ୱରେ ଉପଖଣ୍ଡ ସାମ୍ବାଦିକ ସଂଘ ପକ୍ଷରୁ ଏକ ଶୋଭାଯାତ୍ରା ସହରର ଚାରି ଛକଠାରୁ ବାହାରି ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ସଂଘ ପକ୍ଷରୁ ସାମ୍ବାଦିକଙ୍କୁ ସୁରକ୍ଷା, ପେନସନ ଓ ସମ୍ମାନ ଦେବା ୩ ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପ ଜିଲ୍ଲାପାଳ ଧୀମାନ ଚକମାଙ୍କୁ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଧର୍ମଗଡ ଉପଖଣ୍ଡର ବିଭିନ୍ନ ବ୍ଲକର ବରିଷ୍ଠ ସାମ୍ବାଦିକ ଇଙ୍ଗିତ ପଣ୍ଡା, ଅଂଶୁମାନ ମହାପାତ୍ର, ସୁବାସ ଚନ୍ଦ୍ର ବାଗ, ଲକ୍ଷଜ୍ୟୋତି ଜାଲ, ସୋଭିତ ଗାନ୍ଧୀ, ଢଗ ନାଏକ, ରାମ କୁମାର ସେନାପତି, ରବୀନ୍ଦ୍ର ରାଉତ, ପ୍ରିୟକୃଷ୍ଣ ପଟେଲ, ଈଶ୍ୱର ପଟେଲ, ବଟକୃଷ୍ଣ ପଣ୍ଡା, ବୈଦନାଥ ବେହେରା, ବସନ୍ତ ସରାବୁ, ସୁଧୀର ଗୋପାଳ, ଉମର ସିଂ ନିଆଲ, ସୌମ୍ୟରଞ୍ଜନ ଅଗସ୍ତି, ଜନ୍ମେଞ୍ଜୟ ନାଏକ, ମହେନ୍ଦ୍ର ଦାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।



# ଓୟୁଜେ ସାମ୍ବାଦିକ ସଙ୍ଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



**କେସିଙ୍ଗା,୧୫।୩(ସମିସ):** ଓଡିଶା ୟୁନିଅନ ଅଫ ଜର୍ଣ୍ଣାଲିଷ୍ଟ ପକ୍ଷରୁ ବିଭିନ୍ନ ଦାବି ନେଇ ଶୁକ୍ରବାର ଜିଲ୍ଲାର ବିଭିନ୍ନ ବ୍ଲକରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କେସିଙ୍ଗା ବ୍ଲକରେ ମଧ୍ୟ ଓୟୁଜେ ଜିଲ୍ଲା ସାଧାରଣ ସମ୍ପାଦକ ସନ୍ତୋଷ ସିଂ ଦେଓଙ୍କ ନେତୃତ୍ୱରେ ବିଭିନ୍ନ ଖବରକାଗଜରେ କାର୍ଯ୍ୟରତ ସାମ୍ବାଦିକଙ୍କ ସୁରକ୍ଷା ଓ ପେନସନ ଦାବି ନେଇ କେସିଙ୍ଗା ବ୍ଲକ ବିଡ଼ିଓ ପଦ୍ମନାଭ ପୁରୋହିତଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ କେସିଙ୍ଗା ସାମ୍ବାଦିକ ମହାସଂଘର କାର୍ଯ୍ୟକାରୀ ସଭାପତି ଦୟା ସୁନାନୀ ବରିଷ୍ଠ ସାମ୍ବାଦିକ ଡମ୍ବରୁଧର ଭୋଇ ଓ ଯଯାତି କେଶରୀ ସିଂଦେଓଙ୍କ ସମେତ ମନୋଜ ସିଂ, ଗଜିନ୍ଦ୍ର ସାହୁ, ସଂଗ୍ରାମ କେଶରୀ ସିଂଦେଓ, ଡିଲେଶ୍ୱର୍ ମିଶ୍ର, ମାଧବ ସାହୁ, ତେଜରାଜ୍ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରିଜାଇଡିଂ ଏବଂ ପ୍ରଥମ ପୋଲିଂ ଅଧିକାରୀଙ୍କ ତାଲିମ କାର୍ଯ୍ୟକ୍ରମ

**ଭବାନୀପାଟଣା,୧୫।୩(ସମିସ)**

ଚଳିତ ସାଧାରଣ ନିର୍ବାଚନ-୨୦୨୪ ନିମନ୍ତେ ଜିଲ୍ଲାରେ ପ୍ରିଜାଇଡିଂ ଅଧିକାରୀ ଏବଂ ପ୍ରଥମ ପୋଲିଂ ଅଧିକାରୀଙ୍କୁ ନେଇ ନିର୍ବାଚନ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ଭବାନୀପାଟଣା ଉପଖଣ୍ଡ ଅନ୍ତର୍ଗତ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ସରକାରୀ ମହାବିଦ୍ୟାଳୟ, ଧର୍ମଗଡ ଉପଖଣ୍ଡ ଅନ୍ତର୍ଗତ ସିଟି ସ୍କୁଲ, ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ତାଲିମ କାର୍ଯ୍ୟକ୍ରମ ଚାଲିଛି। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ପି ଅନ୍ୱେଷା ରେଡ୍ଡୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ତାଲିମ କାର୍ଯ୍ୟକ୍ରମରେ ଏଏଲଏମଟି ଓ



ଡିଏଲଏମଟି ରୂପେ ନିୟୋଜିତ ବିଡିଓ, ତହସିଲଦାର ଓ ଅନ୍ୟ ଅଧିକାରୀ ତାଲିମ ପ୍ରଦାନ କରୁଛନ୍ତି। ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀମାନେ କିପରି ବ୍ୟବସ୍ଥିତ ଭାବେ ବୁଥ୍ ପର୍ଯ୍ୟନ୍ତ ଯିବେ, ଇଭିଏମ ଓ ଭିଭିପାଟ ମେସିନ୍‌ର ସଂଯୋଗ ଓ କାର୍ଯ୍ୟକାରିତା, କଣ୍ଟ୍ରୋଲ ୟୁନିଟର ବ୍ୟବହାର, ଭୋଟ ଦାନ ପ୍ରକ୍ରିୟାକୁ ଶୃଙ୍ଖଳିତ, ସେକ୍ଟର ଅଧିକାରୀଙ୍କୁ ସୂଚନା ଓ ଯୋଗାଯୋଗ ଉପରେ ବିଶେଷ ତାଲିମ ନେବେ। ଧର୍ମଗଡ ଉପଖଣ୍ଡରେ ମୋଟ ୧୪୮୨ ଜଣ ଏବଂ ଭବାନୀପାଟଣା ଉପଖଣ୍ଡରେ ମୋଟ ୧୮୫୬ ଜଣ ଶୁକ୍ରବାରଠାରୁ ୧୭ ତାରିଖ ପର୍ଯ୍ୟନ୍ତ ପର୍ଯ୍ୟାୟ କ୍ରମେ ତାଲିମ ନେବେ। ପ୍ରଥମ ଦିନରେ ଧର୍ମଗଡ ଉପଖଣ୍ଡରେ ୫୨୨ ଜଣ ଓ ଭବାନୀପାଟଣା ଉପଖଣ୍ଡରେ ୬୯୬ ଜଣ ତାଲିମ ନେଇଛନ୍ତି। ଜିଲ୍ଲାରେ ମୋଟ ୧୪୧୨ଟି ବୁଥ୍‌ରେ ତାଲିମ ନେଉଥିବା କର୍ମଚାରୀ ଭୋଟ ଗ୍ରହଣ ଦିନ ଭୋଟଦାନ ପ୍ରକ୍ରିୟାକୁ ଶୃଙ୍ଖଳିତ ଭାବେ ଦାୟିତ୍ୱ ନିର୍ବାହ କରିବେ। ଭବାନୀପାଟଣା ଉପଖଣ୍ଡ ପାଇଁ ଭବାନୀପାଟଣା ଉପଜିଲ୍ଲାପାଳ ଡ଼ ବିଶ୍ୱଜିତ ଦାସ, ନିର୍ବାଚନ ସଂଯୁକ୍ତ ଅଧିକାରୀ ବିବେକାନନ୍ଦ ମହାନନ୍ଦ ଏବଂ ଧର୍ମଗଡ ଉପଖଣ୍ଡ ପାଇଁ ଧର୍ମଗଡ ଉପ ଜିଲ୍ଲାପାଳ ଧୀମନ ଚକମା ଓ ଅତିରିକ୍ତ ଜିଲ୍ଲାପାଳ ତ୍ରିଲୋଚନ ପାତ୍ର ପ୍ରତ୍ୟକ୍ଷ ଭାବେ ପରିଚାଳନା କରୁଛନ୍ତି।

# ବିଶ୍ୱ ଉପଭୋକ୍ତା ଅଧିକାର ଦିବସ

**ବୌଦ୍ଧ, ୧୫ ।୩(ସମିସ):** ବୌଦ୍ଧ ବ୍ଲକ ମୁର୍ଷୁଣ୍ଡିସ୍ଥିତ ମିଶନଶକ୍ତି ଭବନରେ ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ପାଳିତ ହୋଇଛି । ବୌଦ୍ଧ ବୈଧ ମାପ ବିଜ୍ଞାନ କାର୍ଯ୍ୟାଳୟ ସହାୟତାରେ ବାଉଁଶୁଣୀ ସୁରଭି ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ବୈଧ ମାପ ବିଜ୍ଞାନ କାର୍ଯ୍ୟାଳୟର ଉପ ନିୟନ୍ତ୍ରକ ରଶ୍ମୀ ରଞ୍ଜନ ପରିଡ଼ା ଯୋଗ ଦେଇଥିଲେ । ସେହିପରି ମୁଖ୍ୟବକ୍ତା ଭାବେ ବୈଧ ମାପ ବିଜ୍ଞାନ କେନ୍ଦ୍ରର ନିରୀକ୍ଷକ ରତିକାନ୍ତ ନାଏକ, ବକ୍ତା ଭାବେ ଉପଭୋକ୍ତା କର୍ମୀ କୁନା ଦିଗାଲ୍, ସମ୍ମାନିତ ଅତିଥି ଭାବରେ ବ୍ଲକ ମହିଳା ମହାସଂଘ ସଭାନେତ୍ରୀ ରୀତା ବେହେରା ଓ ସମ୍ପାଦିକା ଗୋଲାପି ଭୋଇ ମଞ୍ଚାସୀନ ଥିଲେ । ସୁରଭିର ପ୍ରୋଗ୍ରାମ ଅଫିସର ସ୍ମରଣିକା ସିଂହ ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ସନ୍ତୋଷ ମହାକୁଡ ଧନ୍ୟବାଦ ଅର୍ପଣ କରିଥିଲେ । ବିଭିନ୍ନ ସାମଗ୍ରୀ କ୍ରୟ ସମୟରେ ଥିବା ଉପଭୋକ୍ତାମାନଙ୍କ ଅଧିକାର ଓ ସେ ସମ୍ପର୍କରେ ଥିବା ଆଇନ୍ ଉପରେ ଆଲୋଚନା ହୋଇଥିଲା । ଇଲେକ୍ଟ୍ରୋନିକ ଓଜନ ଯନ୍ତ୍ର ବ୍ୟବହାର କରୁଥିବା ବ୍ୟବସାୟୀମାନେ ଯନ୍ତ୍ରର ସର୍ବାଧିକ ଓଜନ କ୍ଷମତାର ଏକ ଦଶମାଂଶ ଯାଞ୍ଚ ହୋଇ ମୋହର ଲାଗିଥିବା ବଟକରା ରଖିବା ଜରୁରୀ । ଗ୍ରାହକମାନେ ଓଜନ ମେସିନ ପ୍ରତି ସନ୍ଦେହ ହେଲେ ବଟକରା ପକାଇ ଯାଞ୍ଚ କରିପାରିବେ । ଜାଳେଣୀ ଗ୍ୟାସ ବିତରକ ପ୍ରତ୍ୟେକ ଖାଉଟିଙ୍କୁ ତାଙ୍କ ଉପସ୍ଥିତିରେ ଓଜନ କରି ଗ୍ୟାସ ସିଲିଣ୍ଡର ଦେବା ଜରୁରି । ପେଟ୍ରୋଲ ଡିଜେଲର ଯାଞ୍ଚ କରିବା ପାଇଁ ବିତରକ ମାପ ନିରିକ୍ଷକଙ୍କ ଦ୍ୱାରା ଯାଞ୍ଚ ମୋହର କରାଯାଇଥିବା ୫/୧୦ ଲିଟର କୋନିକାଲ ମାପକ ରଖିବାକୁ ବାଧ । ଓଜନ ଓ ମାପ ନୀରିକ୍ଷକଙ୍କଠାରୁ ପାଇଥିବା ଯାଞ୍ଚ ସୂଚକ ପ୍ରମାଣପତ୍ରକୁ ବିକ୍ରେତା କୌଣସି ପ୍ରକାଶ୍ୟ ସ୍ଥାନରେ ଟାଙ୍ଗି ରଖିବାକୁ ବାଧ ବୋଲି ଆଇନରେ ଉଲ୍ଲେଖ ରହିଥିବା ବକ୍ତାମାନେ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ସିଆରସି, ଏମ୍‌ବିକେ, ଆଶା, ଅଙ୍ଗନବାଡି, ମହିଳା ଫେଡେରେଶନ ଓ ଓଜନ ମାପ ବିଭାଗର କର୍ମଚାରୀ ଅଂଶଗ୍ରହଣ କରିଥିଲେ ।




## ସୋନପୁର ବ୍ଲକ୍ ଛକ

# ପ୍ରତୀକ୍ଷାଳୟ ନାହିଁ; ଖରାରେ ସିଝୁଛନ୍ତି ଯାତ୍ରୀ

**ସୋନପୁର, ୧୫।୩(ସମିସ)**

ସୋନପୁର ସହରରେ ଶତାଧିକ ଷ୍ଟଲ୍ ତିଆରି ହୋଇଛି । ବହୁତଳ ବିଶିଷ୍ଟ ଅଫିସ୍ ନିର୍ମାଣ ହୋଇ ପାରୁଛି । ତେବେ ଜନସାଧାରଣଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଯାତ୍ରୀ ପ୍ରତୀକ୍ଷାଳୟଟିଏ ନିର୍ମାଣ ହୋଇ ପାରୁନାହିଁ । ବ୍ଲକ ଛକରେ ପ୍ରତୀକ୍ଷାଳୟ ନ ଥିବାରୁ ଯାତ୍ରୀ ଅସୁବିଧା ଭୋଗୁଛନ୍ତି । କେଉଁ ଜଳଖିଆ ଠେଲା ପାର୍ଶ୍ୱରେ କିମ୍ବା ଶୌଚାଳୟ ନିକଟରେ ଛିଡା ହୋଇ ଲୋକେ ବସ୍‌କୁ ଅପେକ୍ଷା କରୁଛନ୍ତି । କିଛି ଦିନ ହେଲା ସୋନପୁର ସହରରେ ପ୍ରବଳ ଗରମ ଅନୁଭୂତ ହେଉଛି । ପ୍ରବଳ ଖରାରେ ଲୋକେ ଅସ୍ତବ୍ୟସ୍ତ ହୋଇ ଯାଉଛନ୍ତି । ତେବେ ଏହି ସମୟରେ ବିବାହ, ବ୍ରତ ଆଦି ସାମାଜିକ କାର୍ଯ୍ୟ ଲାଗି ରହିଥିବାରୁ ବିଭିନ୍ନ ସ୍ଥାନକୁ ଯାତାୟତ କରିବା ପାଇଁ ସୋନପୁରର ବ୍ଲକ ଛକରେ ପ୍ରବଳ ଭିଡ ହେଉଛି । ଏଠାରେ ଥିବା ବରଗଛ ମୂଳରେ ଯାତ୍ରୀ ଭିଡ ଜମାଉ ଥିବାରୁ ଦୁର୍ଘଟଣା ଘଟିବାର ଆଶଙ୍କା ପ୍ରକାଶ ପାଉଛି ।




ବ୍ଲକ ଛକ ସହରର ସର୍ବାଧିକ ଜନଗହଳିପୂର୍ଣ୍ଣ ସ୍ଥାନ ହୋଇଥିଲେ ମଧ ଏଠାରେ ଯାତ୍ରୀ ପ୍ରତୀକ୍ଷାଳୟଟିଏ ନିର୍ମାଣ ହୋଇ ପାରୁ ନାହିଁ । ତେଣୁ ତାପମାତ୍ରା ବୃଦ୍ଧି ସହ ଯାତ୍ରୀଙ୍କ ସମସ୍ୟା ମଧ ବଢୁଛି । ସୋନପୁର ବ୍ଲକ ଛକ ହେଉଛି ସହରର ଏକ ପ୍ରମୁଖ ଛକ । ଏହି ସ୍ଥାନରୁ ସମ୍ବଲପୁର, ବଲାଙ୍ଗିର, ବରଗଡ଼ ଆଦି ଯିବା ପାଇଁ ଲୋକେ ସିଧାସଳଖ ବସ୍ ଧରିଥାନ୍ତି । ପ୍ରତିଦିନ ଏଠାରେ ହଜାର ହଜାର ଲୋକଙ୍କ ଭିଡ ଲାଗିଥାଏ । ଏଠାରେ ଯାତ୍ରୀ ପ୍ରତୀକ୍ଷାଳୟ ନ ଥିବାରୁ ପ୍ରବଳ ଗ୍ରୀଷ୍ମ ପ୍ରବାହ ବେଳେ ଯାତ୍ରୀ ଅସୁବିଧାରେ ପଡୁଛନ୍ତି । ଏଭଳି ସ୍ଥିତିରେ ଦୋକାନ ପିଣ୍ଡା ଯାତ୍ରୀଙ୍କ ମୁଣ୍ଡ ଗୁଞ୍ଜିବାର ସ୍ଥାନ ସାଜିଛି । ବହୁ ବର୍ଷ ପୂର୍ବରୁ ବ୍ଲକ ଅଫିସ୍ ନିକଟରେ ଆଜବେଷ୍ଟସ୍ ଛାଉଣୀ ଥିବା ଏକ ଯାତ୍ରୀ ପ୍ରତୀକ୍ଷାଳୟ ଥିଲା । ଖରାଦିନେ ଏହା ମଧ ଲୋକଙ୍କ ପାଇଁ ସହାୟକ ହେଉଥିଲା । ତେବେ ରାସ୍ତା ପ୍ରଶସ୍ତୀକରଣ ଏବଂ ବ୍ଲକ ଛକର ଉନ୍ନତି ପାଇଁ ଏହାକୁ ଭାଙ୍ଗି ଦିଆଯାଇଛି ।

## ● ଭାଲିଆପଦରରେ ଅଗ୍ନିକାଣ୍ଡ

# ଜଳିଗଲା ୩ ବଖରା

**ବୌଦ୍ଧ, ୧୫ ।୩(ସମିସ):** ବୌଦ୍ଧ ବ୍ଲକ ମୁର୍ଶୁଣ୍ଡୀ ପଞ୍ଚାୟତର ଭାଲିଆପଦର ଗ୍ରାମରେ ଶୁକ୍ରବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ୩ ବଖରା ଚାଳ ଛପର ଘର ପୋଡ଼ି ଯାଇଛି । ଗ୍ରାମର କମ୍ବୁ ପ୍ରଧାନଙ୍କ ଘରେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟିଥିଲା । ପରିବାର ଓ ଗ୍ରାମବାସୀ ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ । ଖବର ପାଇ ବୌଦ୍ଧରୁ ଦମକଳ ପହଞ୍ଚି ନିଆଁ ଲାଭିଥିଲା । ତେବେ ଘରେ ଥିବା ଖାଦ୍ୟଶସ୍ୟ, ଆସବାବପତ୍ର ଓ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ପାଉଁଶ ହୋଇଯାଇଛି ।

# ନିର୍ବାଚନ ସୁପରିଚାଳନା ପାଇଁ ବୈଠକ



**ବୌଦ୍ଧ, ୧୫ ।୩(ସମିସ):** ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଶୁକ୍ରବାର ସନ୍ଧ୍ୟାରେ ନିର୍ବାଚନ ସମ୍ପର୍କୀତ ଏକ ଗୁରୁତ୍ୱପୁର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଜେ ସୋନାଲ ଏଥିରେ ଅଧ୍ୟକ୍ଷତା କରିଥିଲେ । ଏହି ବୈଠକରେ ନିର୍ବାଚନ କମିଶନଙ୍କ ଦ୍ୱାରା ନିଯୁକ୍ତ ରାଜ୍ୟ ଅତିରିକ୍ତ ମୁଖ୍ୟ ନିର୍ବାଚନ ପର୍ଯ୍ୟବେକ୍ଷକ ଶତ୍ରୁଘନ କର ଉପସ୍ଥିତ ଥିଲେ । ବୈଠକରେ ନିର୍ବାଚନ ପ୍ରସ୍ତୁତି, ନିର୍ବାଚନ ସମୟରେ ଆଇନ୍ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ, ସ୍ୱଚ୍ଛ ଓ ନିରପେକ୍ଷ ମତଦାନ ଆଦି ପ୍ରସଙ୍ଗରେ ଆଲୋଚନା ହୋଇଥିଲା । ଏସ୍‌ପି ରାଜ୍ ପ୍ରସାଦ, ଅତିରିକ୍ତ ଜିଲ୍ଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର, ଉପ ଜିଲ୍ଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନାଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।

# ଦୁର୍ବୃତ୍ତ ଭାଙ୍ଗିଦେଲେ ଶିଳାନ୍ୟାସ ଫଳକ

**ଶଗଡ଼ା, ୧୫ ।୩(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ୪୧ନଂ ରାଜ୍ୟ ରାଜପଥର ଘଣ୍ଟାପଡ଼ା-ରେକଡୋଲର ସମଲେଶ୍ୱରୀ ନାଳ ଉପରେ ନିର୍ମାଣ ହେବାକୁ ଥିବା ସୁଉଚ୍ଚ ସେତୁର ଶିଳାନ୍ୟାସ ଫଳକକୁ ଦୁର୍ବୃତ୍ତ ଭାଙ୍ଗି ଦେଇଛନ୍ତି । ଏ ସଂପର୍କରେ ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଦୁଷ୍ମନ୍ତ ସାମଲଙ୍କୁ ଯୋଗାଯୋଗ କରିବାରୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରକାଶ କରିଛନ୍ତି ।



# ମାହେଶ୍ୱରୀ ମନ୍ଦିର ନିର୍ମାଣ ଲାଗି ଭୂମିପୂଜା

**ଜହ୍ନାପଙ୍କ, ୧୫ ।୩(ସମିସ):** ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଜଗତି ନିକଟସ୍ଥ ଐତିହାସିକ ଚାରିଶମ୍ଭୁ ନିକଟ ଓ ହନୁମାନ ମନ୍ଦିର ମଧ



ସ୍ଥଳରେ ଏକ ଭବ୍ୟ ମାହେଶ୍ୱରୀ ମନ୍ଦିର ନିର୍ମାଣ ନିମନ୍ତେ ଭୂମିପୂଜା ଉତ୍ସବ ଅନୁଷ୍ଠିତ ହୋଇଛି । ଜଗତି ଗୌନ୍ତିଆ ଜୟଦେବ କଲତା ଜମିଦାନ କରିଛନ୍ତି । ସୁଶୀଲ ପାଣିଗ୍ରାହୀ, ମାହେଶ୍ୱରୀ ଦେହେରୀ, ଶିଶିର କଲତା ଓ ଛବିଳ କର୍ଣ୍ଣ ପୂଜା କାର୍ଯ୍ୟ କରିଥିଲେ । ଗୌନ୍ତିଆ ଶ୍ରୀ କଲତା କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ । ଏହି ଅବସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ନିର୍ମାଣ କମିଟିର ଅଧ୍ୟକ୍ଷ ଜୟଦେବ କଲତା ସଭାପତିତ୍ୱ କରିଥିଲେ । ସମ୍ପାଦକ ଶମ୍ଭୁ ଗିରି ମଞ୍ଚ ପରିଚାଳନା କରିଥିବାବେଳେ । ମନୋରଞ୍ଜନ ପୁରୋହିତ ମୁଖ୍ୟ ଅତିଥି, କୃତ୍ତିବାସ ପଲିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ନିରଞ୍ଜନ ଗିରି ଧନ୍ୟବାଦ ଅର୍ପଣ କରିଥିଲେ । ନବୀନ କର୍ଣ୍ଣ, ପଦ୍ମଚରଣ କର୍ଣ୍ଣ, ଅଭେଦାନନ୍ଦ କଲତା, ଅଗସ୍ତି କର୍ମୀ, ଦୀନବନ୍ଧୁ ପ୍ରଧାନ, ଗଦାଧର ମହାକୁଡ, ଶେଷଦେବ କର୍ଣ୍ଣ, ନବୀନ ଡାଙ୍ଗ, ଜମ୍ଭେବ କର୍ଣ୍ଣ, ବିଭୀଷଣ କର୍ମୀଙ୍କ ସମେତ ଲକ୍ଷ୍ମୀପ୍ରସାଦ, ତେଲିବନ୍ଧ, ଖୁଣ୍ଟବନ୍ଧ, ପଦ୍ମନପୁର ପଞ୍ଚାୟତର ଜାତିଭାଇ ଉପସ୍ଥିତ ଥିଲେ ।

# ପ୍ରାଥମିକ ବିଦ୍ୟାଳୟ ପରୀକ୍ଷା ପ୍ରଶ୍ନପତ୍ର ଯୋଗାଣରେ ବ୍ୟାପକ ବିଭ୍ରାଟ

**ବୌଦ୍ଧ, ୧୫ ।୩(ସମିସ):** ବୌଦ୍ଧ ଜିଲ୍ଲାରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ବାର୍ଷିକ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇଛି । ତେବେ ଏଥିପାଇଁ ପ୍ରସ୍ତୁତ ପ୍ରଶ୍ନପତ୍ର ଯୋଗାଣରେ ବ୍ୟାପକ ବିଭ୍ରାଟ ହୋଇଛି । ଖୋଲାମେଲାରେ ବୁଲୁଛି ପିଲାଙ୍କ ପ୍ରଶ୍ନପତ୍ର । ସ୍କୁଲକୁ ଯୋଗାଣ ହୋଇଥିବା ପ୍ରଶ୍ନପତ୍ର ଆବଶ୍ୟକତାଠାରୁ କମ୍ ଥିଲା । ପ୍ରଶ୍ନପତ୍ର ଜେରକ୍ସ କରିବା ପାଇଁ ଶିକ୍ଷକଙ୍କ ଗହଳି ଲାଗି ରହିଥିଲା । ବିଦ୍ୟାଳୟର ଛାତ୍ରଛାତ୍ରୀ ଅନୁପାତରେ କମ୍ ପ୍ରଶ୍ନପତ୍ର ଯୋଗାଣ ହେତୁ ଚିନ୍ତାରେ ପଡ଼ିଯାଇଥିଲେ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିବା ଶିକ୍ଷକ ଶିକ୍ଷୟିତ୍ରୀ । ଉପରିସ୍ଥ ଅଧିକାରୀଙ୍କ ଆକ୍ରୋଶର ଶିକାର ହେବା ଭୟରେ କେହି ପାଟି ଖୋଲୁନାହାନ୍ତି ବରଂ ପ୍ରଶ୍ନପତ୍ର ଜେରକ୍ସ କରି ନିଜ ଦାୟିତ୍ୱ ନିର୍ବାହ କରିବା ଶ୍ରେୟ ମନେ କରିଛନ୍ତି ଶିକ୍ଷକ ଶିକ୍ଷୟିତ୍ରୀ । ତେଣୁ ଗୁରୁବାର ବିଳମ୍ବିତ ରାତିଯାଏଁ ଏବଂ ଶୁକ୍ରବାର ସକାଳେ ମଧ ଜେରକ୍ସ ଦୋକାନ ଗୁଡିକରେ ପ୍ରଶ୍ନପତ୍ର ଜେରକ୍ସ ପାଇଁ ପ୍ରଧାନ ଶିକ୍ଷକମାନଙ୍କ ଲମ୍ବାଧାଡି ଲାଗି ରହିଥିଲା । ଏଭଳିସ୍ଥଳେ ପ୍ରଶ୍ନପତ୍ର ପ୍ରଘଟ ହେବାର ଯଥେଷ୍ଟ ସମ୍ଭାବନା ରହିଛି । ଜିଲ୍ଲା ସମଗ୍ର ଶିକ୍ଷା ତରଫରୁ ପ୍ରଶ୍ନପତ୍ର ମୁଦ୍ରଣ ଏବଂ ଯୋଗାଣ ପାଇଁ ଟେଣ୍ଡର କରାଯାଇ ବ୍ରହ୍ମପୁରର ଉଦୟ ପ୍ରିଣ୍ଟର୍ସକୁ ଦାୟିତ୍ୱ ଦିଆଯାଇଥିଲା । ଉକ୍ତ ସଂସ୍ଥା ପ୍ରତି ବ୍ଲକରେ ବିଆରସିସିମାନଙ୍କୁ ପ୍ରଶ୍ନପତ୍ର ପ୍ରଦାନ କରିଥିଲା । ବିଆରସିସିମାନଙ୍କଠାରୁ ସିଆରସିସିମାନଙ୍କ ଜରିଆରେ ପ୍ରତି ସ୍କୁଲରେ ପ୍ରଶ୍ନପତ୍ର ପହଞ୍ଚିଥିଲା । ତେବେ ସ୍କୁଲର ପ୍ରଧାନଶିକ୍ଷକଙ୍କ କହିବା ପ୍ରକାରେ ସେମାନଙ୍କୁ ଶ୍ରେଣୀ, ବିଷୟଅନୁଯାୟୀ ଅଲଗା ଅଲଗା ବନ୍ଦ ପ୍ୟାକେଟ ଦିଆଯାଇ ନ ଥିଲା ବରଂ ଖୋଲା ବଣ୍ଡ ଆକାରରେ ପ୍ରଶ୍ନପତ୍ର ପ୍ରଦାନ କରାଯାଇଥିଲା । ଯାଞ୍ଚ ପରେ ପ୍ରଧାନ ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କ ଅନୁପାତରେ ପ୍ରଶ୍ନପତ୍ର ସଂଖ୍ୟା କମ୍ ଥିବା ଜାଣିବାକୁ ପାଇ ଆବଶ୍ୟକତା ପୂରଣ ପାଇଁ ନିଜ ହାତରୁ ଖର୍ଚ୍ଚ କରି ପ୍ରଶ୍ନପତ୍ର ଜେରକ୍ସ କାରବାକୁ ବାଧ ହୋଇଥିଲେ । ତେବେ ଜିଲ୍ଲା ଶିକ୍ଷାଧିକାରୀ ତଥା ସମଗ୍ର ଶିକ୍ଷା ଜିଲ୍ଲା ପ୍ରକଳ୍ପ ସଂଯୋଜକ ଗେହ୍ରା କୁଜୁର ପ୍ରଶ୍ନପତ୍ର ଯୋଗାଣକାରୀ ସଂସ୍ଥା ଏବଂ ଯୋଗାଣର ସର୍ତ୍ତ ଓ ନିୟମାବଳୀ ସମ୍ବନ୍ଧରେ ଆଦୌ ଜ୍ଞାତ ନ ଥିବା ବେଳେ ପରୀକ୍ଷା ପରିଚାଳନାରେ ଏଭଳି ତ୍ରୁଟି ସ୍ୱୀକାର କରିବା ପରିବର୍ତ୍ତେ ପ୍ରଧାନ ଶିକ୍ଷକମାନଙ୍କ ଉପରେ ସବୁ ଦୋଷ ଲଦି ଦେଇଛନ୍ତି । ପ୍ରଧାନ ଶିକ୍ଷକମାନେ ଭୁଲ୍ ଇଣ୍ଡେଣ୍ଟ ଦେଇଥିବା ଯୋଗୁଁ ଏଭଳି ସମସ୍ୟା ଉପୁଜିଛି ବୋଲି ନିହାତି ଖାମଖିଆଲି ଉତ୍ତର ଦେଇଛନ୍ତି ।

# ଦୃଷ୍ଟିହୀନ ଛାତ୍ରୀଙ୍କୁ ଲାପ୍‌ଟପ୍ ବଣ୍ଟନ

**ବୌଦ୍ଧ, ୧୫ ।୩(ସମିସ):** କଣ୍ଟାମାଳ ବ୍ଲକର ଉମା ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ (ଦୃଷ୍ଟିହୀନ) ବିଚିତ୍ରା ବାଘଙ୍କୁ ସରକାରଙ୍କ ପକ୍ଷରୁ ଏକ ଲାପ୍‌ଟ୍ ପ୍ରଦାନ କରାଯାଇଛି । ବୌଦ୍ଧ ସମଗ୍ର ଶିକ୍ଷା କାର୍ଯ୍ୟାଳୟରେ ଜିଲ୍ଲା ଶିକ୍ଷାଧିକାରୀ ଗେହ୍ରା କୁଜୁର ତାଙ୍କୁ ଏହା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ହରିଶଙ୍କର ଦଣ୍ଡସେନା, ଯୋଜନା ସଂଯୋଜକ ଦେବାଶିଷ ଦ୍ୱାରୀ, କଣ୍ଟାମାଳ ବିଆର୍‌ପି ସତ୍ୟବାନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ସୂଚନାଯୋଗ୍ୟ, ଓସେପା ତରଫରୁ ଷ୍ଟାର୍ସ ପ୍ରକଳ୍ପ ଅଧୀନରେ ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କୁ ଅଧ୍ୟୟନରେ ସହାୟତା ପାଇଁ ସ୍ୱତନ୍ତ୍ର ଲାପଟପ ପ୍ରତିବର୍ଷ ପ୍ରଦାନ କରାଯାଉଛି । ଏହି ଲାପଟପରେ ଏନଭିଡିଏ ସଫ୍ଟୱେର




ଲୋଡ୍ ହୋଇଥିବା ସହ ନବମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଉଦ୍ଦିଷ୍ଟ ସମସ୍ତ ଶ୍ରେଣୀର ଅଡିଓ ବୁକ୍ ରେକର୍ଡିଂ ମଧ ଉପଲବ୍ଧ ରହିଛି ।

# ସୈନିକ ସ୍କୁଲ ପ୍ରବେଶିକାରେ ଉତ୍ତୀର୍ଣ୍ଣ ୩ ଛାତ୍ରଙ୍କୁ ସମ୍ବର୍ଦ୍ଧନା



**ଡୁଙ୍ଗୁରିପାଲି, ୧୫ ।୩(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ମାୟାବର୍ହା କ୍ଲଷ୍ଟର ବଡକର୍ଲେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୩ ଜଣ ଛାତ୍ର ସୈନିକ ସ୍କୁଲ ପ୍ରବେଶୀକାରେ ସଫଳତା ପାଇଛନ୍ତି । ଏମାନେ ହେଲେ ରାଧେଶ୍ୟାମ ବେରିଆ, ଅରମାନ ସାହୁ ଓ ଶୋଭିତ ଭୋଇ । ସ୍କୁଲ ପକ୍ଷରୁ ଏମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ପ୍ରଧାନ ଶିକ୍ଷକ ରାମଗୋପାଳ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ବଡ଼ କର୍ଲେ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ ପଧାନ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଞ୍ଜନ ସାହୁ ଯୋଗ ଦେଇଥିଲେ । ବରିଷ୍ଠ ଶିକ୍ଷକ କୃଷ୍ଣଚନ୍ଦ୍ର ବାରିକ ସଭା ପରିଚାଳନା କରିଥିଲେ । ଗଣିତ ଶିକ୍ଷକ ମଧୁସୂଦନ ଉର୍ମା ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷକ ଲୋକନାଥ ପଧାନ, ଲୋକ ନାରାୟଣ ମହାନନ୍ଦ, ସୁରେଶ ସାହୁ, ଗୋବିନ୍ଦ ମାଝୀ, ସାରଥୀ ଥପା, ରାଜେନ୍ଦ୍ର ପଧାନ, ଶିକ୍ଷୟିତ୍ରୀ ସବିତା ବିଶି, ଶ୍ରଦ୍ଧାଞ୍ଜଳୀ ବିଶି, ଧରିତ୍ରୀ ବେହେରା, ମନ୍ଦାକିନୀ ସାହୁ ସହଯୋଗ କରିଥିଲେ । ବ୍ଲକ ଶିକ୍ଷା ଅଧିକାରୀ ଗଣେଶ କିଷାନ, ସହ ଶିକ୍ଷାଧିକାରୀ ଗଞ୍ଜଲୁ ମିର୍ଦ୍ଧା, ବଟକୃଷ୍ଣ ପାଢ଼ୀ, ଜଗତ ମଲ୍ଲିକ, ସିଆରସିସି ଜୟଶ୍ରୀରାମ ସିକନ୍ଦର, ସୁରେଶ ପୂଜାରୀ, ନରେନ୍ଦ୍ର ପୁରୋହିତ, ରମେଶ ଭୋଇ, ସୁଧାଂଶୁ ସାହୁ, ହାରାଧନ ବେରିଆ ଶୁଭେଚ୍ଛା ଜଣାଇଛନ୍ତି ।

# ସାମ୍ବାଦିକ ପିନ୍ଧିଲେ କଳାବ୍ୟାଜ୍

**ସୁବଳୟା, ୧୫ ।୩(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର କାର୍ଯ୍ୟକାରୀ ସାମ୍ବାଦିକ ସଙ୍ଘର ସଦସ୍ୟ ବିଭିନ୍ନ ଦାବି ପୂରଣ ଲାଗି କଳାବ୍ୟାଜ୍ ପିନ୍ଧିଛନ୍ତି । ଏହାସହ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧକ୍ଷ୍ୟ କାର୍ତ୍ତିକ ପାଣ୍ଡିଆନଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳ ଲଲାଟେନ୍ଦୁ ସିଙ୍କୁ ୫ ଦଫା ଦାବିପତ୍ର ପ୍ରଦାନ କରାଯାଇଛି । ସମ୍ପାଦକ ଶତ୍ରୁଘ୍ନ ମେହେରଙ୍କ ନେତୃତ୍ୱ ମୁର୍ଷୁଣ୍ଡିରେ ଏକ ଜରୁରୀ ବୈଠକ



ଅନୁଷ୍ଠିତ ହୋଇଥିଲା । ସେଠାରୁ ସମସ୍ତେ ସ୍ଥାନୀୟ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ବରିଷ୍ଠ ସାମ୍ବାଦିକଙ୍କୁ ପେନସନ, ସାମ୍ବାଦିକ ସୁରକ୍ଷା ଆଇନ ଗୋପବନ୍ଧୁ ଜୀବନ ବୀମା ଯୋଜନାରେ ବାପା, ମା'ଙ୍କ ସହ ୨୫ ବର୍ଷରୁ ଅଧିକ ପୁଅ ଝିଅଙ୍କୁ ଅନ୍ତର୍ଭୁକ୍ତ କରିବା ଓ ଏହା ୫ ଲକ୍ଷରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା, ମାଗଣାରେ ଆବାସ ଗୃହ ଯୋଗାଇବା, ପୁଅ ଝିଅଙ୍କ ଉଚ୍ଚ ଶିକ୍ଷା ବ୍ୟବସ୍ଥା କରିବା, ସାମାଜିକ ଓ ଅର୍ଥନୈତିକ ସୁରକ୍ଷା ସୁଦୃଢ କରିବା, ବିନା ସୁଧରେ ସବୁ ବ୍ୟାଙ୍କରୁ ଗାଡ଼ି କ୍ରୟ ଓ ଘର ନିର୍ମାଣ ପାଇଁ ଋଣ ପ୍ରଦାନ କରିବା ପାଇଁ ଉଲ୍ଲେଖ ରହିଛି । ସଂଘର ସଭାପତି ଗୌରୀ ଶଙ୍କର ପାଣିଗ୍ରାହୀ, ମେହର, ବିନୋଦ ପାଣ୍ଡେ, ପ୍ରଦୀପ ରଥ, ସନାତନ ନାଗ, ସୁଶୀଲ ସାହୁ, ଗୋକୁଳା ନନ୍ଦ ସାହୁ, ମନୋରଞ୍ଜନ ଦାସ, ସତ୍ୟ ମିଶ୍ର, ଜଗଦୀଶ ମେହେର, ସୁଶୀଲ ପଣ୍ଡା, ପ୍ରକାଶ ପଧାନଙ୍କ, ବ୍ରଜଗୋପାଳ ପଣ୍ଡାଙ୍କ ସହ ସମସ୍ତ ସାମ୍ବାଦିକ ସାମିଲ ହୋଇଥିଲେ ।

## ପ୍ରଥମ ଡ୍ୟୁଜ୍‌ବଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ବିଏମ୍‌ପୁର ଓ ସୋନପୁର ବିଜୟୀ

**ବିନିକା, ୧୫ ।୩(ସମିସ)**

ସ୍ଥାନୀୟ ବିନିକା ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ସ୍ପୋର୍ଟସ କ୍ଲବର ଆୟୋଜନରେ ଶୁକ୍ରବାରଠାରୁ ପ୍ରଥମ ଡ୍ୟୁଜ ବଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି । ଏହା ୨୦ତାରିଖ ଯାଏ ଚାଲିବ । ଟୁର୍ଣ୍ଣାମେଣ୍ଟକୁ ବିନିକା ଏନଏସି ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଭୋଇ ଉଦ୍‌ଘାଟନ କରିଥିଲେ । ପ୍ରଥମ ମ୍ୟାଚ ରେଡାଖୋଲ ବଡ଼ମାଳ ବନାମ ୟୁନାଇଟେଡ ବୀରମହାରାଜପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ରେଢ଼ାଖୋଲ ବଡ଼ମାଳ ବ୍ୟାଟିଂ କରି ୧୫ଓଭରରେ ୬ୱିକେଟ ହରାଇ ୯୪ରନ୍ କରିଥିଲା । ଦଳ ପକ୍ଷରୁ ବାବୁଲୁ ୧୬ ଓ ନରେନ ୧୮ ରନ୍ କରିଥିଲେ । ଜବାବରେ ବୀରମହାରାଜପୁର ଦଳର ବ୍ୟାଟ୍‌ସ୍‌ମ୍ୟାନ ସୁବାଷଙ୍କ ୪୫ରନ୍ ଓ ମାନଗୋବିନ୍ଦଙ୍କ ୧୯ରନ୍ ଯୋଗୁଁ ଦଳ ୯୬ରନ୍ କରି ବିଜୟୀ ହୋଇଥିଲା । ସେହିପରି ଦ୍ୱିତୀୟ ପର୍ଯ୍ୟାୟ ଲିଗ ମ୍ୟାଚ୍‌ରେ ବଲାଙ୍ଗୀର ୱାଇଏସ୍‌ସିଏକୁ ୧୨ରନ୍‌ରେ ହରାଇ ସୋନପୁର ଏସଡିସିଏ ବିଜୟୀ ହୋଇଛି । ବଲାଙ୍ଗୀର ଦଳର ଧର୍ମେନ୍ଦ୍ର ୪୫ରନ୍ କରିଥିବା ବେଳେ ସୋନପୁର ଦଳ ପକ୍ଷରୁ ସିକନ୍ ୩୨, ଅଭିଲାଷ ୨୩ରନ୍ କରିଥିଲେ । ମ୍ୟାଚ୍‌ଗୁଡ଼ିକୁ ଅମ୍ପାୟାର ରଘୁବିର ପଣ୍ଡା ଓ ସୁରେଶ ବିଶି ପରିଚାଳନା କରିଥିଲେ । ବୈରାଗୀ ପ୍ରଧାନ, ଶଶାଙ୍କ ଶେଖର ଦାସ ଧାରାବିବରଣୀ ଦେଇଥିଲେ । ରଞ୍ଜନ ବେହେରା, ଆଲୋକ ସେଠୀ, ଶ୍ରୀତମ ଦାସ ସ୍କୋରର ଭାବେ ଦାୟିତ୍ୱନିର୍ବାହ କରିଥିଲେ । ପୁରସ୍କାର ବିତରଣୀ ଉତ୍ସବରେ ବିଜେଡ଼ି ସଂଗଠକ ଭୀମସେନ ସାହୁ ମୁଖ୍ୟ ଅତିଥି, ବିନିକା ସ୍ପୋର୍ଟସ କ୍ଲବ ସଭାପତି ସୋମନାଥ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଶନିବାର ସୋନପୁର ଭଗବତୀ କ୍ଲବ୍ ବନାମ ତରଭା ପ୍ରଥମ ମ୍ୟାଚ୍ ଏବଂ ସମ୍ବଲପୁର ରେଙ୍ଗାଲି ବନାମ ବିନିକା ସ୍ପୋର୍ଟସ କ୍ଲବ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଅନୁଷ୍ଠିତ ହେବ ।



# ବିଡିଓଙ୍କୁ ସାମ୍ବାଦିକଙ୍କ ଦାବିପତ୍ର ପ୍ରଦାନ

**ହରଭଙ୍ଗା, ୧୫ ।୩(ସମିସ):** ଜର୍ଣ୍ଣାଲିଷ୍ଟ ଆସୋସିଏସନ ଅଫ୍ ହରଭଙ୍ଗା ବ୍ଲକ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧକ୍ଷଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଏକ ଦାବିପତ୍ର ଦିଆଯାଇଛି । ଭାଗବତ ମେହେର, ଶାଶ୍ୱତ ଦାସ, ସିମୁନ ନାୟକ, ଚିତ୍ତରଞ୍ଜନ ସିଂ, ବିଭୁଦତ୍ତ ବୋଷ, ସୁକାନ୍ତ ପଟ୍ଟନାୟକ, କୁନା ବେହେରା, କୁମୁଦଚନ୍ଦ୍ର ସାହୁ, ସୁଶାନ୍ତ ବେହେରା, ସଦାନନ୍ଦ ନାୟକ, ପ୍ରଭାତ ନାୟକ, ଅକ୍ଷୟ ମହାକୁଡ଼, ବାସୁଦେବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।



# କଣ୍ଟାମାଳରେ ସାମ୍ବାଦିକଙ୍କ ଧାରଣା

**କଣ୍ଟାମାଳ/ଶଗଡ଼ା, ୧୫ ।୩(ସମିସ):** କଣ୍ଟାମାଳ ବ୍ଲକର ସାମ୍ବାଦିକମାନେ ବିଭିନ୍ନ ଦାବିରେ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି । ମୁଖ୍ୟମନ୍ତ୍ରୀ, ୫-ଟି ସଚିବ ଓ



ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବୌଦ୍ଧ ଅତିରିକ୍ତ ଜିଲ୍ଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର, କଣ୍ଟାମାଳ ବିଡ଼ିଓ ସାମୀ ଜୟଶ୍ରୀ ରେଡ୍ଡୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ସଂଘ ସଭାପତି ସୁଶୀଲ ମିଶ୍ର, ବରିଷ୍ଠ ସାମ୍ବାଦିକ ଦିବ୍ୟଶଙ୍କର ରାଉତ, ପୂର୍ଣ୍ଣଚନ୍ଦ୍ର ସାହୁ, ଜୟ ମହାରଣା, ପ୍ରଭାତ ସାହୁ, ବଳରାମ ବାଘ, ଜଗାନନ୍ଦ ମହାପାତ୍ର, ହୃଦାନନ୍ଦ ମେହେର, ବଂଶୀଧର ମାଝୀ, ଶଙ୍କର୍ଷଣ ସାହୁ, ରଞ୍ଜନ ପାତ୍ର, ଦେବାଶିଷ ମଲ୍ଲିକ, ରାଜେଶ ଠେଲା, ମକରନ୍ଦ ସାହୁ, ସିମ୍ପିରାଣୀ ସାହୁ, ନବୀନ ମାହାର, ବାସୁଦେବ ଷାଣ୍ଢ, ପ୍ରେମାନନ୍ଦ ମହାପାତ୍ର, ଅନନ୍ତ ଖମାରୀ, ବିଶ୍ୱାମିତ୍ର ପାଢ଼ୀ ପ୍ରମୁଖ ଅଂଶଗ୍ରହଣ କରି ଥିଲେ । କଂଗ୍ରେସ ନେତା ପ୍ରଶାନ୍ତ ସାହୁ, ବରିଷ୍ଠ ବିଜେଡି ନେତା ତଥା ଖଲିଆପାଲି ପଞ୍ଚାୟତ ସମିତି ସଭ୍ୟ କେଦାରନାଥ ସାହୁ ଓ ବିଜେପି ଜିଲ୍ଲା ସମ୍ପାଦକ ତଥା ରାଜ୍ୟ ସଂଯୋଜକ ଯଦୁବିହାରୀ ବାଘ ସାମ୍ବାଦିକଙ୍କ ଦାବିକୁ ଯଥାର୍ଥ ବୋଲି କହିବା ସହିତ ସମର୍ଥନ କରିଥିଲେ ।

